# ଡଃ ମାର୍ଟୀନ୍ ଲୁଥରକଂର ଛୋଟ କାଟେ କିଜମ୍

## (DR.MARTIN LUTHER'S SMALL CATECHISM)

## (ବାଇବଲ ଅଧ୍ୟୟନ ନିର୍ଦ୍ଦେଶକ ପୁସ୍ତକ)

### ଦଶ ଆଜ୍ଞା (THE TEN COMMANDMENTS)

**ପ୍ରଥମ ଆଜ୍ଞା:-**ତୁମ୍ଭର ସଦାପ୍ରଭୁ ପରମେଶ୍ୱର ଆମ୍ଭେ, ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।

**ଦ୍ୱିତୀୟ ଆଜ୍ଞା:-**ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରକଂ ନାମ ମିଥ୍ୟାରେ ନେବ ନାହିଁ ।

**ତୃତୀୟ ଆଜ୍ଞା:-** ବିଶ୍ରାମ ଦିନ ପବିତ୍ର ରୂପେ ପାଳିବାକୁ ସ୍ମରଣ କର ।

**ଚତୁର୍ଥ ଆଜ୍ଞା:-**ତୁମ୍ଭେ ଆପଣା ପିତା ଓ ଆପଣା ମାତାକୁଂ ସମ୍ଭ୍ରମ କର, ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ,ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ ।

**ପଞ୍ଚମ ଆଜ୍ଞା:-**ତୁମ୍ଭେ ନରହତ୍ୟା କରିବ ନାହିଁ ।

**ଷଷ୍ଠ ଆଜ୍ଞା:-**ତୁମ୍ଭେ ବ୍ୟଭିଚାର କରିବ ନାହିଁ ।

**ସପ୍ତମ ଆଜ୍ଞା:-**ତୁମ୍ଭେ ଚୋରି କରିବ ନାହିଁ ।

**ଅଷ୍ଟମ ଆଜ୍ଞା:-**ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟାସାକ୍ଷ୍ୟ ଦେବ ନାହିଁ ।

**ନବମ ଆଜ୍ଞା:-**ତୁମ୍ଭେ ଆପଣା ପ୍ରତିବାସୀର ଗୃହକୁ ଲୋଭ କରିବେ ନାହିଁ ।

**ଦଶମ ଆଜ୍ଞା:-** ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟା,କି ଦାସ, କି ଦାସି, କି ତାହାର ଗୋରୁ,କି ଗଧ,କି ତୁମ୍ଭ ପ୍ରତିବାସୀର ଅନ୍ୟ କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।(ଯାତ୍ରାପୁସ୍ତକ 20:1-17,ଦ୍ୱିତୀୟ ବିବରଣ 5:1-21 ।)

ଦଶ ଆଜ୍ଞା ଗୁଡ଼ିକର କେଉଁ ବାକ୍ୟରେ ଆମ୍ଭମାନକଂର ସଦାପ୍ରଭୁ ପରମେଶ୍ୱର ଆମ୍ଭମାନକୁଂ ଭୟ ଓ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି ? ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ,କି

ଉପରିସ୍ଥ ସ୍ୱର୍ଗରେ,କି ନୀଚସ୍ଥ ପୃଥିବୀରେ ,କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ,କି ସେମାନଙ୍କର ସେବା କରିବ ନାହିଁ , ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବରକ୍ଷଣରେ ଉଦ୍ ଯୋଗୀ ପରମେଶ୍ୱର ଅଟୁ ।ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି,ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳଦାତା, ମାତ୍ର ଯେଉଁମାନେ ଆମ୍ଭକୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳନ କରନ୍ତି, ଆମ୍ଭେ ସେମାନଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ । (ଯାତ୍ରାପୁସ୍ତକ 20:4-6) ।

## ପ୍ରେରିତଙ୍କ ବିଶ୍ୱାସମତ ବାକ୍ୟ(THE APOSTLE’S CREED)

ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ ସଦାପ୍ରଭୁ ପିତା ପରମେଶ୍ୱରଙ୍କଠାରେ ମୁଁ  ବିଶ୍ୱାସ କରୁଅଛି ।

ତାହାଙ୍କର ଏକମାତ୍ର ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ମୁଁ ବିଶ୍ୱାସ କରୁଅଛି ।ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଉତ୍ପନ୍ନ ହେଲେ,କନ୍ୟା ମରିୟମଙ୍କ ଗର୍ଭରୁ ଜନ୍ମ ଗ୍ରହଣ କଲେ,ଶାସନକର୍ତ୍ତା ପିଲାତଙ୍କ ଅଧିନରେ ତାଡ଼ନା ସହିଲେ,କ୍ରୁଶାର୍ପିତ ହେଲେ,ଶରୀରରେ ମୃତ୍ୟୁଭୋଗ କଲେ,ସମାଧିପ୍ରାପ୍ତ ହେଲେ,ପାତାଳକୁ ପ୍ରବେଶ କଲେ ଓ ତୃତୀୟ ଦିବସରେ ମୃତମାନଙ୍କ ମଧ୍ୟରୁ ପୁନରୁଥିତ ହେଲେ,ସ୍ୱର୍ଗାରୋହଣ କଲେ ଓ ସର୍ବଶକ୍ତିମାନ୍ ସଦାପ୍ରଭୁ ପିତାପରମେଶ୍ୱରଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଅଛନ୍ତି ।ସେହି ସ୍ଥାନରୁ ସେ ଜୀବିତମାନଙ୍କର ଓ ମୃତମାନଙ୍କର ନ୍ୟାୟବିଚାର କରିବା ନିମନ୍ତେ ଶିଘ୍ର ଆସୁଅଛନ୍ତି ବୋଲି ମୁଁ ବିଶ୍ୱାସ କରୁଅଛି। ପ୍ରଭୁ ପବିତ୍ରଆତ୍ମାଙ୍କଠାରେ ମୁଁ  ବିଶ୍ୱାସ କରୁଅଛି । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶରୀର ରୂପ ସର୍ବସାଧାରଣ ଏକମାତ୍ର ଖ୍ରୀଷ୍ଟୀୟ ମଣ୍ଡଳୀ ଉପରେ,ପବିତ୍ର ପରମେଶ୍ୱରଙ୍କର ଲୋକମାନଙ୍କ ସହଭାଗିତା ଉପରେ,ପାପ କ୍ଷମା ଉପରେ, ମରଶରୀରର ପୁନରୁଥାନଉପରେ ଓ ଅନନ୍ତ ଜୀବନ ଉପରେ ମଧ ମୁଁ ବିଶ୍ୱାସ କରୁଅଛି । ଆମେନ୍ ।

## ପ୍ରଭୁଙ୍କ ପ୍ରାର୍ଥନା (THE LORD’S PRAYER)

ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା,ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ ।ତୁମ୍ଭର ରାଜ୍ୟ ଆସୁ ।ଯେପରି ସ୍ୱର୍ଗରେ ସେହିପରି ପୃଥିବୀରେ ତୁମ୍ଭର ଇଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ ।ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧିମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କୁ ଅପରାଧସବୁ କ୍ଷମା କର ।ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର ।(ଯେଣୁ ରାଜ୍ୟ,ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ ।) ।(ମାଥିଉ 6:9-13,ଲୁକ 11:2-4) ।

## ବାପ୍ତିସ୍ମର  ପବିତ୍ର ନିୟମ (THE HOLY  BAPTISM)

। ପୁଣି ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ,ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର ।ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଂଗେ ସଂଗେ ଅଛି । (ମାଥିଉ 28:18-20,ମାର୍କ 16:15-16 ।)

## ପ୍ରଭୁଭୋଜର ପବିତ୍ର ନିୟମ(THE LORD'S SUPPER)

ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ରୋଟି ଘେନି ଧନ୍ୟବାଦ ଦେଇ ତାହା ଭାଂଗି ଶିଷ୍ୟମାନଙ୍କୁ ଦେଇ କହିଲେ,  ନିଅ ଓ ଭୋଜନ କର,ଏହା ତୁମ୍ଭମାନଙ୍କ ନିମନ୍ତେ ସମର୍ପିତ ମୋହର ଶରୀର,ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।

ସେହିପରି ଭୋଜନ କଲା ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ, ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ,ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । (1କରନ୍ଥୀୟ 11: 23-25)।

## ଉପରେ ଲିଖିତ ଶିକ୍ଷା ଗୁଡ଼ିକୁ ନିମ୍ନରେ     ସରଳ ରୂପରେ ବର୍ଣ୍ଣନା କରାଯାଇଅଛି  ।

**ଦଶ ଆଜ୍ଞା (THE TEN COMMANDMENTS)**(ପରିବାରର କର୍ତ୍ତା ପରିବାରର **ସଭ୍ୟମାନଙ୍କୁ ବାଇବଲ ଶିକ୍ଷା ଦେବାର ଏକ ଆଦର୍ଶ ଉଦାହରଣ**)

**ପ୍ରଥମ ଆଜ୍ଞା:-ତୁମ୍ଭର ସଦାପ୍ରଭୁ ପରମେଶ୍ୱର ଆମ୍ଭେ, ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେ ଆପଣା ସମସ୍ତ ଅନ୍ତଃକରଣ ସହିତ,ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତିର ସହିତ ସଦାପ୍ରଭୁ ଆପଣା ପରମେଶ୍ୟରଙ୍କୁ ପ୍ରେମ କରିବା ଉଚିତ୍ । ଆମ୍ଭମାନଙ୍କର ଏକମାତ୍ର ଜୀବନ୍ତ ସଦାପ୍ରଭୁ ପରମେଶ୍ୱର କେବଳ ସେ ଅଟନ୍ତି ।ତାହାଙ୍କ ଛଡ଼ା ଅନ୍ୟ କୌଣସି ଦେବତା ନାହିଁ,ଆମ୍ଭେମାନେ ତାହାଙ୍କଠାରେ ବିଶ୍ୱାସ ଓ ଭରସା ରଖି କେବଳ ତାହାଙ୍କର ସେବା ଓ ଆରାଧନା କରିବା ଉଚିତ୍ ।ତାହାଙ୍କ ଆଜ୍ଞା ପାଳନ କରି ଜୀବନ ଯାପନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ଅଟେ ।

**ଦ୍ୱିତୀୟ ଆଜ୍ଞା:-ତୁମ୍ଭେ ଆପଣା ସଦାପ୍ରଭୁଙ୍କ ନାମ ମିଥ୍ୟାରେ ନେବ ନାହିଁ ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବା ଉଚିତ୍ । ଭୟ ଓ ଭକ୍ତିର ସହ ତାହାଙ୍କ ପବିତ୍ର ମହାନାମର ବ୍ୟବହାର କରିବା ଉଚିତ୍ । ତାହାଙ୍କ ପବିତ୍ର ନାମରେ ମିଥ୍ୟା ସାକ୍ଷ୍ୟ ଦେବା,ଶପଥ କରିବା,କିମ୍ବା ଅନ୍ୟ କୌଣସି ପାପ କରିବା ଉଚିତ୍ ନୁହେଁ ,ପରନ୍ତୁ, ଦୁଃଖକଷ୍ଟରେ, ଆପଦବିପଦରେ ତଥା ସଂକଟ ସମୟରେ ତାହାଙ୍କ ପବିତ୍ର ନାମରେ ପ୍ରାର୍ଥନା ଓ ନିବେଦନ କରିବା ଦରକାର । ସଦାସର୍ବଦା ତାହାଙ୍କ ପବିତ୍ର ମହାନାମର ସ୍ତୁତି,ପ୍ରଶଂସା ଓ ଧନ୍ୟବାଦ କରିବା ଆବଶ୍ୟକ ।

**ତୃତୀୟ ଆଜ୍ଞା:-ବିଶ୍ରାମ ଦିନ ପବିତ୍ର ରୂପେ ପାଳିବାକୁ ସ୍ମରଣ କର ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ବ୍ୟବସ୍ଥା ପୁସ୍ତକ ବାଇବଲରେ ସଦାସର୍ବଦା ଆମୋଦ କରିବା ଉଚିତ୍ ଓ ଦିବାରାତ୍ର ତାହାଙ୍କ ବ୍ୟବସ୍ଥା ଧ୍ୟାନ କରିବା ଉଚିତ୍ ଏବଂ ସଦାସର୍ବଦା ତାହାଙ୍କ ଆଜ୍ଞାବହ ହୋଇ ବାବସ୍ଥା ଅନୁସାରେ ଜୀବନ କାଟିବା ଉଚିତ୍ ।ବିଶ୍ରାମ ଦିନ ସଦାପ୍ରଭୁ ପରମେଶ୍ୱରଙ୍କ ଦିନ ଅଟେ ,ସେହି ଦିନ ଭୟ ଓ ଭକ୍ତିର ସହିତ ମଣ୍ଡଳୀକୁ ଯାଇ ସତ୍ୟ ଓ ଆତ୍ମାରେ ତାହାଙ୍କ ପୂଜା ଉପାସନା କରିବା ଆବଶ୍ୟକ ।ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟକୁ ତୁଚ୍ଛଜ୍ଞାନ ନ କରି ସଦାସର୍ବଦା ତାହାଙ୍କ ଆଜ୍ଞାବହ ହୋଇ ପବିତ୍ର ଜୀବନ କାଟିବା ନିମନ୍ତେ ପ୍ରସ୍ତୁତ ହେବା ଅତ୍ୟନ୍ତ ଆବଶ୍ୟକ ।

**ଚତୁର୍ଥ ଆଜ୍ଞା:-ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କର,ତହିଁରେ ତୁମ୍ଭର ଦୀର୍ଘ ପରମାୟୁ ହେବ ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ଆପଣା ପିତାମାତାଙ୍କୁ ଆଦର କରିବା ଦରକାର ।ପିତାମାତା, ଗୁରୁଜନ,ତଥା ଅନ୍ୟବଡ଼ମାନଙ୍କ ଆଦର ଓ ସମ୍ଭ୍ରମ କରି ଖୁସିରେ ସେମାନଙ୍କୁ ସେବାସୁଶୃଷା ଓ ଭୋରଣପୋଷଣ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ଅଟେ ।

**ପଞ୍ଚମ ଆଜ୍ଞା:- ତୁମ୍ଭେ ନରହତ୍ୟା କରିବ ନାହିଁ ।**

ପ୍ରଶ୍ନ:- ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ଆପଣା ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା ଦରକାର । ଆପଣା ପ୍ରତିବାସୀର ଜୀବନ,ଧନସଂପତ୍ତି, ଅଧିକାର ତଥା ଅନ୍ୟ କୌଣସି ବସ୍ତୁର ଅନିଷ୍ଟ ନ କରି, ତାହାଙ୍କ ଉପକାର ଓ ସୁରକ୍ଷାରେ ଯଥାସାଧ ତାହାଙ୍କ ସାହାର୍ଯ୍ୟ ଓ ସହାନୁଭୂତି କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

**ଷଷ୍ଠ ଆଜ୍ଞା:-ତୁମ୍ଭେ ବ୍ୟଭିଚାର କରିବ ନାହିଁ ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରିବା ଉଚିତ୍ । ସ୍ୱାମୀ ଓ ସ୍ତ୍ରୀ ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟ ଅନୁସାରେ ପରସ୍ପର ପ୍ରତି ବ୍ୟବହାର କରିବା ଉଚିତ୍ ।ସ୍ତ୍ରୀ ଆପଣା ସ୍ୱାମୀର ଆଜ୍ଞାବହ ହେଉ ଓ ସ୍ୱାମୀ ଆପଣା ସ୍ତ୍ରୀକୁ ଆତ୍ମତୁଲ୍ୟ ପ୍ରେମ କରୁ ,ସେମାନେ ଏକାଂଗ ଅର୍ଥାତ୍ ଏକ ଶରୀର ହୁଅନ୍ତୁ ।ଅନ୍ୟମାନଙ୍କୁ କାମ ଭାବରେ ଦୃଷ୍ଟିପାତ କରିବା ମଧ୍ୟ ବ୍ୟଭିଚାର ପାପ ଅଟେ ।ଅତଏବ ଆମ୍ଭମାନେ ଭାବବିଚାରରେ, କଥାବାର୍ତ୍ତାରେ ଓ କାର୍ଯ୍ୟକଳାପରେ ପବିତ୍ରତା ଆଚରଣ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

**ସପ୍ତମ ଆଜ୍ଞା:-ତୁମ୍ଭେ ଚୋରି କରିବ ନାହିଁ ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ଜୀବନ ଯାପନ କରିବା ଉଚିତ୍ ।ଆପଣା ପ୍ରତିବାସୀର ଟଂକାପଇସା, ଧନସଂପତ୍ତି, ଅଧିକାର, ଜମିବାଡ଼ି,ଗୋରୁଗାଈ,ଦାସଦାସୀ କିମ୍ବା ଅନ୍ୟ କୌଣସି ବସ୍ତୁ ଅନ୍ୟାୟରେ ନେବା ଚେଷ୍ଟା କରିବା ଉଚିତ୍ ନୁହେଁ ।

**ଅଷ୍ଟମ ଆଜ୍ଞା:- ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟାସାକ୍ଷ୍ୟ ଦେବ ନାହିଁ ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ଆପଣା ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା ଦରକାର । ଆପଣା ପ୍ରତିବାସୀର କୌଣସି ପ୍ରକାର ଅନିଷ୍ଟ ତଥା ଅପକାର ନ କରି,ତାଙ୍କର ଉପକାର ଓ ହିତ ଓ ସୁରକ୍ଷା ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ୍ ।

**ନବମ ଆଜ୍ଞା:-ତୁମ୍ଭେ ଆପଣା ପ୍ରତିବାସୀର ଗୃହକୁ ଲୋଭ କରିବ ନାହିଁ ।**

ପ୍ରଶ୍ନ:-ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବା ଦରକାର ।ଆପଣା ପ୍ରତିବାସୀର ଧନସଂପତ୍ତି,ଜମିବାଡ଼ି,ଘରଦ୍ୱାର,କିମ୍ବା ଅନ୍ୟ କୌଣସି ବସ୍ତୁ ଅନ୍ୟାୟରେ ପାଇବା ନିମନ୍ତେ ଚେଷ୍ଟା କରିବା ଉଚିତ୍ ନୁହେଁ ।

**ଦଶମ ଆଜ୍ଞା:- ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟା,କି ଦାସ,ଦାସୀ,କି ତାହାର ଗୋରୁ,କି ଗଧ,କି ତୁମ୍ଭ ପ୍ରତିବାସୀର ଅନ୍ୟ କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।**

ଏହି ଆଜ୍ଞାର ଅର୍ଥ କ'ଣ ?

ଉତ୍ତର:-ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ବାକ୍ୟ ଅନୁସାରେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବା ଉଚିତ୍ ।ଆପଣା ପ୍ରତିବାସୀର ସ୍ତ୍ରୀ ଓ ତାହାର ଅନ୍ୟ କୌଣସି ବ୍ୟକ୍ତି, କି କୌଣସି ପ୍ରାଣୀ,କି କୌଣସି ଜୀବଜନ୍ତୁ,କି କୌଣସି ବସ୍ତୁକୁ ଅନ୍ୟାୟରେ ପାଇବା ନିମନ୍ତେ ଚେଷ୍ଟା କରିବା ଉଚିତ୍ ନୁହେଁ ।ଏହି ସମସ୍ତ ବିଷୟର ସୁରକ୍ଷା ଓ ବୃଦ୍ଧି ନିମନ୍ତେ ଯଥାସାଧ୍ୟ ତାହାକୁ ସାହାର୍ଯ୍ୟ କରିବା ଉଚିତ୍ ।

**ଦଶ ଆଜ୍ଞାର ଶେଷାଂସ ଏବଂ ସାରାଂସ ପ୍ରଶ୍ନ:- ଦଶ** ଆଜ୍ଞାର ଆପଣା ସଦାପ୍ରଭୁ ପରମେଶ୍ୱର କେଉଁ ବାକ୍ୟରେ ଆମ୍ଭମାନଙ୍କୁ ତାହାଙ୍କ ପ୍ରତି ଭୟ ଓ ଆଜ୍ଞାବହତାରେ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି ?

ଉତ୍ତର:-ଯାତ୍ରାପୁସ୍ତକ 20:4-6,ରେ ଆପଣା ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କୁ ତାହାଙ୍କ ପ୍ରତି ଭୟ ଓ ଆଜ୍ଞାବହତାରେ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି । ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ,କି ଉପରିସ୍ଥ ସ୍ୱର୍ଗରେ,କି ନୀଚସ୍ଥ ପୃଥିବୀରେ କି ପୃଥିବୀର ନିଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ,ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ,କି ସେମାନଙ୍କ ସେବା କରିବ ନାହିଁ ।ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ ରକ୍ଷଣରେ ଉଦ୍ ଯୋଗୀ ପରମେଶ୍ୱର ଅଟୁ ।ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି,ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳଦାତା,ମାତ୍ର ଯେଉଁମାନେ ଆମ୍ଭକୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା କରନ୍ତି,ଆମ୍ଭେ ସେମାନଙ୍କ ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ ।

ପ୍ରଶ୍ନ:-ଏହି ବାକ୍ୟର ଅର୍ଥ କ'ଣ ?

ଉତ୍ତର:-ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ଯେଉଁମାନେ ତାହାଙ୍କ ଆଜ୍ଞା ପାଳନ କରନ୍ତି, ସେମାନଙ୍କୁ ଓ ସେମାନଙ୍କ ବଂଶଧରମାନଙ୍କୁ ଆଶିର୍ବାଦ କରିବେ,ମାତ୍ର ଯେଉଁମାନେ ତାହାଙ୍କ ଆଜ୍ଞା ପାଳନ ନ କରନ୍ତି,ସେମାନଙ୍କୁ ଓ ସେମାନଙ୍କ ବଂଶଧରମାନଙ୍କୁ ଦଣ୍ଡାଜ୍ଞା ଦେବେ ।ଅତଏବ ଆମ୍ଭେମାନେ ତାହାଙ୍କ ଆଜ୍ଞାବହ ହୋଇ ଜୀବନ ଯାପନ କରିବା ଉଚିତ୍ ।

## ପ୍ରେରିତଙ୍କ ବିଶ୍ୱାସ ମତ ବାକ୍ୟ(THE APOSTLE'S CREED)(ପରିବାରର କର୍ତ୍ତା ଆପଣା ପରିବାରର ସଭ୍ୟମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଏକ ଆଦର୍ଶ ଉଦାହରଣ )

### ପ୍ରଥମ ଭାଗ

### ସୃଷ୍ଟିର ବିଷୟ

ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା ସଦାପ୍ରଭୁ ସର୍ବଶକ୍ତିମାନ ପିତା ପରମେଶ୍ୱରଙ୍କଠାରେ ମୁଁ ବିଶ୍ୱାସ କରୁଅଛି ।

ଏହି ବାକ୍ୟର ଅର୍ଥ କ'ଣ ?

ଉତ୍ତର:-ସଦାପ୍ରଭୁ ପରମେଶ୍ୱର ଦୃଶ୍ୟ ଓ ଅଦୃଶ୍ୟ ସମସ୍ତ ବସ୍ତୁର ସୃଷ୍ଟିକର୍ତ୍ତା ଅଟନ୍ତି ।ସେ ଆକାଶ ଓ ପୃଥିବୀର ଓ ତହିଁର ସମସ୍ତ ବସ୍ତୁର ରଚନା ଆପଣା ମୁଖର ବାକ୍ୟ ଦ୍ୱାରା କଲେ,କିନ୍ତୁ ମୋତେ ଆପଣା ସାଦୃଶ୍ୟରେ ଏବଂ ଆପଣା ପ୍ରତିମୂର୍ତ୍ତିରେ ଗଠନ କଲେ । ସେ ମୋହର ସୁରକ୍ଷା ଓ ଚାଳନା ଆପଣା ପବିତ୍ର ଆତ୍ମାଙ୍କ ଦ୍ୱାରା କରନ୍ତି ।

ମୋହର ପ୍ରତିଦିନର ପ୍ରୟୋଜନୀୟ ସମସ୍ତ ବସ୍ତୁ ଦେଇ ପ୍ରେମରେ ମୋହର ପ୍ରତିପାଳନ କରନ୍ତି । ସେ ସମସ୍ତ ଉତ୍ତମ ବିଷୟ, ଯଥା ଉତ୍ତମ ସ୍ତ୍ରୀ,ଉତ୍ତମସନ୍ତାମସନ୍ତତି, ଜ୍ଞାତିକୁଟୁମ୍ବ, ଦାସଦାସୀ, କାମଧନ୍ଦା, ଘରଦ୍ୱାର, ଜମିବାଡ଼ି,ଗୋରୁଗାଈ,ଉତ୍ତମ ସ୍ୟାସ୍ଥ୍ୟ, ଉତ୍ତମ ଜଳବାୟୁ, ଧନସଂପତ୍ତି ତଥା ସମସ୍ତ ପ୍ରକାର ଆଶିର୍ବାଦ ଦ୍ୱାରା ମୋତେ ଆଶିର୍ବାଦଯୁକ୍ତ କରି ପ୍ରେମରେ ମୋହର ପ୍ରତିପାଳନ କରନ୍ତି ।ସମସ୍ତ ପ୍ରକାର ରୋଗସଂକରୁ,ଆପତ୍ତିବିପତ୍ତିରୁ, ଦୁଃଖକଷ୍ଟରୁ ତଥା ସକଳ ମନ୍ଦରୁ ମୋତେ ସୁରକ୍ଷା କରି ଆପଣା ଦୟା ହେତୁ ସେ ଆପଣା ଧର୍ମ ପଥରେ ସଦାସର୍ବଦା ମୋତେ କଢ଼ାଇ ନିଅନ୍ତି । ସେ ମୋହର ଉତ୍ତମ ଯୋଗ୍ୟତା କିମ୍ବା ଉତ୍ତମ କାର୍ଯ୍ୟ ହେତୁ ନ କରି ମୋ ପ୍ରତି ତାହାଙ୍କ ଅନନ୍ତ ପ୍ରେମ, ଅସୀମ ଅନୁଗ୍ରହ ଓ ଅପାର ଦୟା ହେତୁ ମୋ ପ୍ରତି ଏ ସମସ୍ତ କରନ୍ତି ।

ଅତଏବ ମୁଁ ମଧ୍ୟ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରତି ଭୟ ଓ ଭକ୍ତିର ସହ ଧନ୍ୟବାଦୀ ଓ ଆଜ୍ଞାବହ ହୋଇ ତାହାଙ୍କ ସ୍ତୁତି ପ୍ରଶଂସା କରି ,ତାହାଙ୍କ ପ୍ରିୟପାତ୍ର ହୋଇ ଜୀବନ ଯାପନ କରୁଅଛି । ଏହା ବିଶ୍ୱାସନୀୟ ସତ୍ୟ ବାକ୍ୟ ଅଟେ ।

## ଦ୍ୱିତୀୟ ଭାଗ

## ପରିତ୍ରାଣର ବିଷୟ

ତାହାଙ୍କ ଏକମାତ୍ର ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଂଠାରେ ମୁଁ ବିଶ୍ୱାସ କରୁଅଛି ।ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଉତ୍ପନ୍ନ ହେଲେ, କନ୍ୟା ମରିୟମଙ୍କ ଗର୍ଭରୁ ଜନ୍ମଗ୍ରହଣ କଲେ,ଶାସନକର୍ତ୍ତା ପିଲାତଙ୍କ ଅଧିନରେ ତାଡ଼ନା ସହିଲେ,କ୍ରୁଶ ଉପରେ ଟଂଗା ଗଲେ, ମୃତ୍ୟୁବରଣ କଲେ ଓ ସମାଧିପ୍ରାପ୍ତ ହେଲେ । ସେ ସ୍ଥାନରୁ ସେ ପାତାଳକୁ ପ୍ରବେଶ କଲେ,ତୃତୀୟ ଦିନରେ ମୃତ୍ୟୁଞ୍ଜୟୀ ହୋଇ ମୃତମାନଙ୍କ ମଧ୍ୟରୁ ପୁନଃରୁଥିତ ହେଲେ,ସ୍ୱର୍ଗାରୋହଣ କରି ସର୍ବଶକ୍ତିମାନ୍ ସଦାପ୍ରଭୁ ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଅଛନ୍ତି । ସେହି ସ୍ଥାନରୁ ସେ ସମସ୍ତ ମୃତ ଓ ଜୀବିତମାନଙ୍କର ନ୍ୟାୟ କରିବା ନିମନ୍ତେ ଆସୁଅଛନ୍ତି ବୋଲି ମୁଁ ବିଶ୍ୱାସ କରୁଅଛି ।

ଏହି ବାକ୍ୟର ଅର୍ଥ କ'ଣ ?

ଉତ୍ତର-ଆମ୍ଭମାନଙ୍କ ମୁକ୍ତିଦାତା, କେବଳ ଆମ୍ଭମାନଙ୍କର ନୁହେଁ, ମାତ୍ର ସମଗ୍ର ଜଗତର ଉଦ୍ଧାର କର୍ତ୍ତା ସଦାପ୍ରଭୁ ପରମେଶ୍ୱର ମନୁଷ୍ୟର ରୂପ ଧାରଣ କରି ଯୀଶୁ ନାମରେ ଆପଣାକୁ ପ୍ରକାଶ କଲେ ।ସେ କୃଶ ଉପରେ ପ୍ରାୟଶ୍ଚିତ ବଳିଦାନ ରୂପରେ ଆପଣାକୁ ଅର୍ପଣ କଲେ, ବଳିଦାନ ହେଲେ ଓ ସୁନା ଓ ରୂପା ଭଳି ଅମୂଲ୍ୟ ବସ୍ତୁ ଦ୍ୱାରା ନୁହେଁ, ମାତ୍ର ଆପଣା ବହୁମୂଲ୍ୟ ରକ୍ତ ଦାନ ଦ୍ୱାରା, ଅଧମ ଓ ଅଭାଗା ପାପୀ ଯେ ମୁଁ, ମୋତେ ପାପର ବନ୍ଧନରୁ,ମରଣର ଭୟରୁ ଓ ଶୟତାନର ଫାନ୍ଦରୁ ରକ୍ଷା କରି ମୁକ୍ତ ଦାନ କଲେ ଓ ଆପଣା ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ ।

ଅତଏବ ମୁଁ ତାହାଙ୍କ ଆଜ୍ଞାବହ ହୋଇ ତାହାଙ୍କ ରାଜ୍ୟରେ, ତାହାଙ୍କ ଦ୍ୱାରା ଚାଳିତ ହୋଇ, ତାହାଙ୍କ ପ୍ରିୟପାତ୍ର ହୋଇ ଜୀବନ ଯାପନ କରି ଅନନ୍ତ ଜୀବନର ଅଧିକାରୀ ହେବା ନିମନ୍ତେ ଆପଣା ଧର୍ମ ପଥରେ, ପବିତ୍ର ଆତ୍ମାଙ୍କ ଦ୍ୱାରା ମୋତେ କଢ଼ାଇ ନିଅନ୍ତି । ଏହା ବିଶ୍ୱାସନୀୟ ସତ୍ୟ ବାକ୍ୟ ଅଟେ ।

## ତୃତୀୟ ଭାଗ

## ପବିତ୍ରତାର ବିଷୟ

ପ୍ରଭୁ ପବିତ୍ର ଆତ୍ମାଙ୍କଠାରେ ମୁଁ ବିଶ୍ୱାସ କରୁଅଛି । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶରୀର ରୂପ ଏକମାତ୍ର ସର୍ବସାଧାରଣ ପବିତ୍ର ଖ୍ରୀଷ୍ଟୀୟ ମଣ୍ଡଳୀ ଉପରେ,ପବିତ୍ର ସଦାପ୍ରଭୁ ପରମେଶ୍ୱରଙ୍କ ଲୋକଙ୍କ ସହଭାଗିତା ଉପରେ,ପାପ କ୍ଷମା ଉପରେ,ମରଶରୀରର ପୁନଃରୁଥାନ ଉପରେ ଓ ଅନନ୍ତ ଜୀବନ ଉପରେ ମଧ ମୁଁ ବିଶ୍ୱାସ କରୁଅଛି ।ଆମେନ୍ ।

ଏହି ବାକ୍ୟର ଅର୍ଥ କ'ଣ ?

ଉତ୍ତର-ଆମ୍ଭେମାନେ ଆପଣା ବୁଦ୍ଧି ଓ ଶକ୍ତି କିମ୍ବା ଚେଷ୍ଟା ଦ୍ୱାରା ଆପଣାର ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନିକଟଙ୍କ ଆସି ପାରିବୁ ନାହିଁ କି ତାହାଙ୍କଠାରେ ବିଶ୍ୱାସ କରିପାରିବୁ ନାହିଁ । ପବିତ୍ର ଆତ୍ମା ସୁସମାଚାର ଦ୍ୱାରା ଆମ୍ଭମାନଙ୍କୁ ଆକର୍ଷଣ କରନ୍ତି,ଆପଣା ଫଳ ଦ୍ୱାରା ଓ ବରଦାନ ଦ୍ୱାରା ଆମ୍ଭମାନଙ୍କୁ ପ୍ରକାଶିତ କରନ୍ତି,ସତ୍ୟ ବାକ୍ୟରେ ଓ ବିଶ୍ୱାସରେ ଆମ୍ଭମାନଙ୍କୁ ଦୃଢ଼ କରି ରଖନ୍ତି, ପବିତ୍ରତାରେ ଆମ୍ଭର ରକ୍ଷା ଓ ପରିଚାଳନା କରନ୍ତି ବୋଲି ମୁଁ ବିଶ୍ୱାସ କରୁଅଛି । କେବଳ ଆମ୍ଭକୁ ନୁହେଁ, ମାତ୍ର ଜଗତରେ ଥିବା ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ

ଯୀଶୁଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀର ସମସ୍ତ ଖ୍ରୀଷ୍ଟ ବିଶ୍ୱାସୀ ମାନଙ୍କୁ ସୁସମାଚାର ଦ୍ୱାରା ଆକର୍ଷିତ କରନ୍ତି, ସମସ୍ତଙ୍କୁ ଖ୍ରୀଷ୍ଟଙ୍କଠାରେ ଏକତ୍ର କରନ୍ତି,ପବିତ୍ର ବାକ୍ୟ ଓ ବିଶ୍ୱାସରେ ଦୃଢ଼ କରି ମଣ୍ଡଳୀର ସୁରକ୍ଷା ଓ ପରିଚାଳନା କରନ୍ତି ।ସେ ପ୍ରତ୍ୟେକ ବିଶ୍ୱାସୀଙ୍କ ଶରୀରରେ ନିବାସ କରି ସତ୍ୟ ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରିବାରେ ସାହାର୍ଯ୍ୟ କରନ୍ତି ଓ ଶେଷରେ ଅନନ୍ତ ଜୀବନର ଅଧିକାରୀ ହେବାରେ ସାହାର୍ଯ୍ୟ କରନ୍ତି ।ଏହା ବିଶ୍ୱାସନୀୟ ସତ୍ୟ ବାକ୍ୟ ଅଟେ ।

## ପ୍ରଭୁଙ୍କପ୍ରାର୍ଥନା (THE LORD'S PRAYER)

**(ପରିବାରର କର୍ତ୍ତା ଆପଣା ପରିବାରର ସଭ୍ୟମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଏକ ଆଦର୍ଶ ଉଦାହରଣ )**

**ପ୍ରାର୍ଥନାର ଆରମ୍ଭ-ପରିଚୟ ପ୍ରଦାନ**

**ହେ, ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା**

ପ୍ରଶ୍ନ:-ଏହି ବାକ୍ୟର ଅର୍ଥ କ'ଣ ?

ଉତ୍ତର- ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କ ପ୍ରକୃତ ପିତା ଏବଂ ଆମ୍ଭେମାନେ ତାହାଙ୍କ ପ୍ରକୃତ ସନ୍ତାନସନ୍ତତି ବୋଲି ଆମ୍ଭେମାନେ ବିଶ୍ୱାସ କରି,ପ୍ରିୟ ସନ୍ତାନସନ୍ତତି ଆପଣା ପ୍ରେମମୟ ପିତାଙ୍କ ନିକଟରେ ଅଧିକାରର ସହ କୌଣସି ବସ୍ତୁ ଯେପରି ମାଗନ୍ତି, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଆପଣା ସ୍ୱର୍ଗସ୍ଥ ପିତାଙ୍କଠାରେ ସଂପୂର୍ଣ୍ଣ ସାହସ ଓ ଦୃଢ଼ ବିଶ୍ୱାସ ଏବଂ ଅଧିକାର ସହିତ ନିବେଦନରେ ମାଗିବା ନିମନ୍ତେ ଏହି ବାକ୍ୟ ଦ୍ୱାରା ସେ ଆମ୍ଭମାନଙ୍କୁ ଉତ୍ସାହ ପ୍ରଦାନ କରୁଛନ୍ତି ।

**ପ୍ରଥମ ନିବେଦନ-ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ ।**

ପ୍ରଶ୍ନ:- ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:-ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କ ନାମ ସ୍ୱୟଂ ପବିତ୍ର ମହାନାମ ଅଟେ । କିନ୍ତୁ ତାହାଙ୍କ ନାମ ଆମ୍ଭମାନଙ୍କ ମଧ୍ୟରେ ପବିତ୍ର ବୋଲି ମାନ୍ୟ ହେବା ନିମନ୍ତେ ଏହି ନିବେଦନରେ ଆମ୍ଭେମାନେ ବିନତୀ କରୁଅଛୁ ।

ପ୍ରଶ୍ନ:- ତାହାଙ୍କ ନାମ ଆମ୍ଭମାନଙ୍କ ମଧ୍ୟରେ ପବିତ୍ର ବୋଲି ମାନ୍ୟ ହୁଏ କିପରି ?

ଉତ୍ତର:-ଆମ୍ଭମାନଙ୍କ ସଦାପ୍ରଭୁଙ୍କ ପବିତ୍ର ଓ ସତ୍ୟ ବାକ୍ୟ ଆମ୍ଭମାନଙ୍କ ମଧ୍ୟରେ ପବିତ୍ର ପରମେଶ୍ୱରଙ୍କ ସେବକମାନଙ୍କ ଦ୍ୱାରା ପ୍ରଚାର କରାଯିବା ସମୟରେ, ଆମ୍ଭେମାନେ ସଂପୂର୍ଣ୍ଣ ଭୟ ଓ ଭକ୍ତିର ସହ ତାହା ଶୁଣି ତାହାଙ୍କ ଆଜ୍ଞାବହ ହୋଇ ତାହାଙ୍କ ପବିତ୍ର ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରୁ, ତେବେ ତାହା ଦ୍ୱାରା ତାହାଙ୍କ ନାମ ଆମ୍ଭମାନଙ୍କ ମଧ୍ୟରେ ପବିତ୍ର ବୋଲି ମାନ୍ୟ ହୁଏ । ଆମ୍ଭମାନଙ୍କ ପରମ ପବିତ୍ର ପିତା ଆପଣା ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ସହାୟତା କରନ୍ତି । କିନ୍ତୁ ଯଦି କେହି  ତାହାଙ୍କ ପବିତ୍ର ସତ୍ୟ ବାକ୍ୟକୁ ଭୁଲ ଭାବେ ଶିଖାଏ, ଅସତ୍ୟ ଓ ଅବମାନନା କରେ,ତାହାଙ୍କ ପବିତ୍ର ବାକ୍ୟର ପାଳନ ନ କରେ,ତେବେ ତାହା ଦ୍ୱାରା ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ପବିତ୍ର ବୋଲି ମାନ୍ୟ ନ ହୋଇ,ବରନ୍ ଅପବିତ୍ର ଓ ଅମାନ୍ୟ ହୁଏ । ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ସଦାସର୍ବଦା ଆପଣା ନାମକୁ ପବିତ୍ର ଓ ମହିମାନ୍ୱିତ କରନ୍ତି ।

**ଦ୍ୱିତୀୟ ନିବେଦନ:- ତୁମ୍ଭର  ରାଜ୍ୟ ଆସୁ ।**

ପ୍ରଶ୍ନ:-ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:-ସଦାପ୍ରଭୁ ପରମେଶ୍ୱରଙ୍କ ରାଜ୍ୟ ସର୍ବତ୍ର  ବିରାଜମାନ ଅଛି ଓ ଆସେ,କିନ୍ତୁ ଏହି ନିବେଦନରେ ତାହା ଆମ୍ଭ ମଧ୍ୟରେ ଆସୁ ବୋଲି ଆମ୍ଭେମାନେ ବିନତୀ କରୁଅଛୁ ।

ପ୍ରଶ୍ନ:- ତାହାଙ୍କ ରାଜ୍ୟ ଆମ୍ଭମାନଙ୍କ ମଧ୍ୟରେ କିପରି ଆସେ ?

ଉତ୍ତର:-ଯଦି ଆମ୍ଭେମାନେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ପବିତ୍ର ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରିବା ନିମନ୍ତେ ସମର୍ପଣ କରୁ,ତେବେ ସେ ଆପଣା ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କୁ ଶାସନ କରନ୍ତି ଓ ତାହାଙ୍କ ରାଜ୍ୟ ଆମ୍ଭମାନଙ୍କ ମଧ୍ୟରେ ଆସେ ।

**ତୃତୀୟ ନିବେଦନ:-ଯେପରି ସ୍ୱର୍ଗରେ ,ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ ।**

ପ୍ରଶ୍ନ:-ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:-ସଦାପ୍ରଭୁଙ୍କ ଇଚ୍ଛା ସଦାସର୍ବଦା ଆମ୍ଭମାନଙ୍କ ନିବେଦନର ବିନା ହିଁ  ସଫଳ ହୁଏ,କିନ୍ତୁ ତାହା ଆମ୍ଭମାନଙ୍କ ମଧ୍ୟରେ ସଫଳ ହେଉ ବୋଲି ଏହି ନିବେଦନରେ ଆମ୍ଭେମାନେ ବିନତୀ କରୁଅଛୁ ।

ପ୍ରଶ୍ନ :-ସଦାପ୍ରଭୁ ପରମେଶ୍ୱରଙ୍କ ଇଚ୍ଛା ଆମ୍ଭମାନଙ୍କ ମଧ୍ୟରେ କିପରି ସଫଳ ହୁଏ ?

ଉତ୍ତର:-ସଦାପ୍ରଭୁ ପରମେଶ୍ୱରଙ୍କ ନାମ ପବିତ୍ର ବୋଲି ମାନ୍ୟ ହେବା ନିମନ୍ତେ,ପୁଣି ତାହାଙ୍କ ରାଜ୍ୟ ଆସିବାରେ ପ୍ରତିବାଧା କରୁଥିବା, ଶୟତାନର ଶକ୍ତି,ସଂସାରର ଶକ୍ତି ତଥା ଶାରିରୀକ ଅଭିଳାଷାକୁ ନଷ୍ଟ କରି, ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ତାହାଙ୍କ ପବିତ୍ରତାରେ ଓ ସତ୍ୟରେ ଏବଂ ବିଶ୍ୱାସରେ ଆମ୍ଭମାନଙ୍କୁ ଦୃଢ଼ କରନ୍ତି,ତାହାଙ୍କ ଇଛା ଆମ୍ଭମାନଙ୍କ ମଧ୍ୟରେ ସଫଳ କରାନ୍ତି ।

**ଚତୁର୍ଥ ନିବେଦନ:-ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ ।**

ପ୍ରଶ୍ନ:-ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:-ସଦାପ୍ରଭୁ ପରମେଶ୍ୱର ସମସ୍ତ ମନୁଷ୍ୟଙ୍କୁ ଏପରି କି ଦୁଷ୍ଟ ଜନକୁ ମଧ୍ୟ ପ୍ରତିଦିନର ପ୍ରୟୋଜନୀୟ ଆହାର ଆମ୍ଭମାନଙ୍କ ମାଗିବା ପୂର୍ବରୁ ହିଁ ଦିଅନ୍ତି ,କିନ୍ତୁ ଆମ୍ଭେମାନେ ତାହାଙ୍କ ପ୍ରଦତ୍ତ ଦୈନନ୍ଦିନ ପ୍ରୟୋଜନୀୟ ଆହାର ନିମନ୍ତେ ତାହାଙ୍କଂଠାରେ ଧନ୍ୟବାଦୀ ହୋଇ ରହିବା ଉଦ୍ଦେଶ୍ୟରେ ଏହି ନିବେଦନରେ କହୁଅଛୁ ।

ପ୍ରଶ୍ନ :-ପ୍ରୟୋଜନୀୟ ଆହାରର ଅର୍ଥ କ'ଣ ?

ଉତ୍ତର:-ଆମ୍ଭମାନଙ୍କ ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ବସ୍ତୁଗୁଡ଼ିକ ଯଥା:- ଖାଦ୍ୟପେୟ,ଅନ୍ନବସ୍ତ୍ର,ଘରଦ୍ୱାର,ଜମିବାଡ଼ି,ଗୋରୁଗାଈ,ଉତ୍ତମ ସ୍ୱାମୀ, ଉତ୍ତମ ସ୍ତ୍ରୀ, ଉତ୍ତମ ସନ୍ତାନସନ୍ତତି,ବିଶ୍ୱସ୍ତ ଦାସଦାସୀ,ଉତ୍ତମ ଅଧିକାରୀ, ଉତ୍ତମ ସରକାର,ଉତ୍ତମ ଜଳବାୟୁ, ଉତ୍ତମ ସ୍ୱାସ୍ଥ୍ୟ,ସୁଖଶାନ୍ତି,ଉତ୍ତମ ଜ୍ଞାତିକୁଟୁମ୍ବ, ଉତ୍ତମ ବନ୍ଧୁବାନ୍ଧବ, ଉତ୍ତମ କାମଧନ୍ଦା, ଉତ୍ତମ ପ୍ରତିବାସୀ ଇତ୍ୟାଦି କୁ ପ୍ରୟୋଜନୀୟ ଆହାର ବୋଲି କୁହାଯାଇଛି ।

**ପଞ୍ଚମ ନିବେଦନ:-ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧିମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କ ଅପରାଧସବୁ କ୍ଷମାକର ।**

ପ୍ରଶ୍ନ:-ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:- ଆମ୍ଭମାନଙ୍କ ପରମ ପବିତ୍ର ପିତା ପରମେଶ୍ୱର ଆମ୍ଭମାନଙ୍କ ପାପର ବେତନ ମୃତ୍ୟୁ ଆମ୍ଭମାନଙ୍କୁ ନ ଦେବା ପାଇଁ,,କିମ୍ବା ପାପ ଓ ଅପରାଧ ହେତୁ ଆମ୍ଭମାଙ୍କ ନିବେଦନକୁ ଅଗ୍ରାହ୍ୟ ନ କରିବା ନିମନ୍ତେ ଓ ଅନୁଗ୍ରହରେ ଆମ୍ଭମାନଙ୍କ ପାପ ଓ ଅପରାଧସବୁ କ୍ଷମା କରିବା ନିମନ୍ତେ, ଏହି ନିବେଦନରେ ଅନୁରୋଧ କରୁଅଛୁ ।

କାରଣ ଆପଣା ନିବେଦନରେ ମାଗୁଥିବା କୌଣସି ବିଷୟ ନିମନ୍ତେ ଆମ୍ଭେମାନେ ଯୋଗ୍ୟ ନୋହୁଁ,ତଥା ଯୋଗ୍ୟ ହେବା ନିମନ୍ତେ ଚେଷ୍ଟା ନ କରି, ପ୍ରତିଦିନର ଜୀବନରେ ପୁଣି ଅନେକ ପାପ କରି କେବଳ ଦଣ୍ଡର ହିଁ ପାତ୍ର ହୋଇଅଛୁ ।ତଥାପି ସେ ଯେପରି ଆମ୍ଭମାନଙ୍କ ପାପ ଓ ଅପରାଧ ସବୁ ଦୟାରେ କ୍ଷମା କରନ୍ତି,ସେପରି ଆମ୍ଭେମାନେ ମଧ୍ୟ ଆପଣା ଆପଣା ଅପରାଧିମାନଙ୍କୁ କ୍ଷମା କରିବା ଉଚିତ୍ ବୋଲି ଏହି ନିବେଦନରେ ଅନୁରୋଧ କରୁଅଛୁ ।ସେଥି ନିମନ୍ତେ ପିତା ଆମ୍ଭମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ବୋଲି ତାହାଙ୍କଠାରେ ବିନତୀ କରୁଅଛୁ ।

**ଷଷ୍ଠ ନିବେଦନ:-ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ ।**

ପ୍ରଶ୍ନ:-ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:-ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ସ୍ୱୟଂ କାହାର ପରୀକ୍ଷା କରନ୍ତି ନାହିଁ ।ମାତ୍ର ଆମ୍ଭେମାନେ ପ୍ରତିଦିନର ଜୀବନରେ ଶୟତାନର ଫାନ୍ଦରୂପ ବିଭିନ୍ନ ପାପରେ ଆସକ୍ତ ହୋଇ,ଶୟତାନ ଦ୍ୱାରା ପରିକ୍ଷୀତ ହୋଇଥାଉ ।ଏହି ପରୀକ୍ଷା ଗୁଡ଼ିକରେ ସେ ଆମ୍ଭମାନଙ୍କୁ ବିଜୟ ଦେବା ନିମନ୍ତେ ଏବଂ ଏହି ପରୀକ୍ଷା ଗୁଡ଼ିକ ଆମ୍ଭମାନଙ୍କ ନିକଟକୁ ନ ଆସିବା ନିମନ୍ତେ ସେ ଆମ୍ଭମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏହି ନିବେଦନରେ ତାହାଙ୍କଠାରେ ବିନତୀ କରୁଅଛୁ ।

**ସପ୍ତମ ନିବେଦନ:-ମାତ୍ର ମନ୍ଦରୁ ରକ୍ଷା କର ।**

ପ୍ରଶ୍ନ :-ଏହି ନିବେଦନର ଅର୍ଥ କ'ଣ ?

ଉତ୍ତର:-ଧନ, ମୋହମାୟା ଇତ୍ୟାଦି ଜଗତ ଓ ଜାଗତିକ ବସ୍ତୁଗୁଡ଼ିକୁ ପ୍ରେମ ନ କରିବାକୁ ତାହଙ୍କଠାରୁ ଆମ୍ଭେମାନେ ସାହାର୍ଯ୍ୟ ମାଗୁଅଛୁ । କାରଣ ଏହି ସବୁ ବସ୍ତୁଗୁଡ଼ିକ ଦ୍ୱାରା ଶୟତାନ ପ୍ରଲୋଭନ ଦେଖାଇ ଆମ୍ଭମାନଙ୍କୁ ଗ୍ରାସ କରିବାକୁ ଚେଷ୍ଟା କରେ । ଏହି ମନ୍ଦ ରୂପ ଶୟତାନର ଫାନ୍ଦରୁ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ, ଆମ୍ଭମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଓ ଶେଷରେ ଅନନ୍ତ ଜୀବନର ଅଧିକାରୀ କରାନ୍ତୁ ବୋଲି ଏହି ନିବେଦନରେ ତାହାଙ୍କଠାରେ ଅନୁରୋଧ କରୁଅଛୁ ।

**ପ୍ରାର୍ଥନାର ଶେଷାଂଶ:-ଯେଣୁ ରାଜ୍ୟ,ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ ।**

ପ୍ରଶ୍ନ:-ଆମେନ୍ ଶବ୍ଦର ଅର୍ଥ କ'ଣ ?

ଉତ୍ତର:-ଏହି ନିବେଦନ ଗୁଡ଼ିକ ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟରେ ଗ୍ରାହ୍ୟ ହେବ ବୋଲି,ସେ ସେଗୁଡ଼ିକୁ ଗ୍ରହଣ କରିବେ ବୋଲି ଆମ୍ଭେମାନେ ନିଶ୍ଚୟ ବିଶ୍ୱାସ କରିବା ଆବଶ୍ୟକ ,ଏହା ହିଁ ଆମେନ୍ ଶବ୍ଦର ଅର୍ଥ ଅଟେ । କାରଣ ଏ ପ୍ରକାର ପ୍ରାର୍ଥନା କରିବା ନିମନ୍ତେ ସେ ସ୍ୱୟଂ ହିଁ ଆମ୍ଭମାନଙ୍କୁ ଶିଖାଇଛନ୍ତି ଓ ଉତ୍ତରର ମଧ୍ୟ ଭରସା ଓ ପ୍ରତିଜ୍ଞା ଦେଇଛନ୍ତି ।

ଆମେନ୍, ଆମେନ୍ ବୋଲି କହିବାର ଅର୍ଥ ସତ୍ୟ ସତ୍ୟ ନିଶ୍ଚୟ ରୂପେ ଏପରି ହିଁ ହେଉ ।

## ବାପ୍ତିସ୍ମର ପବିତ୍ର ନିୟମ(THE SACRAMENT OF THE BAPTISM)

### A.ବାପ୍ତିସ୍ମର ଉପକାରିତା

ପ୍ରଶ୍ନ:-ବାପ୍ତିସ୍ମର ଅର୍ଥ କ'ଣ ?

ଉତ୍ତର:-ବାପ୍ତିସ୍ମ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ଦ୍ୱାରା ନିୟମିତ ଏକ ଆତ୍ମିକ କାର୍ଯ୍ୟ ଅଟେ । ବାପ୍ତିସ୍ମରେ ବ୍ୟବହୃତ ପାଣି କେବଳ ସାଧାରଣ ପାଣି ନୁହେଁ, ତାହା ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ସଂଯୁକ୍ତ ଅସାଧୀତଣ ଜଳ ଓ ଅନନ୍ତ ଜୀବନର ଆଧାର ଅଟେ ।

ପ୍ରଶ୍ନ :-ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ବାପ୍ତିସ୍ମ ପ୍ରତି କ'ଣ ଆଜ୍ଞା ଦେଇଛନ୍ତି ?

ଉତ୍ତର:-ପୁଣି ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ,ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇ ଅଛି ।ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ,ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର । ଆଉ ଦେଖ,ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଂଗେ ସଂଗେ ଅଛି ।( ମାଥିଉ 28:18-20) ।

### B.ବାପ୍ତିସ୍ମର ଆଶିର୍ବାଦ ସକଳ

ପ୍ରଶ୍ନ:- ବାପ୍ତିସ୍ମରୁ କ'ଣ ଉପକାର ମିଳୁଅଛି ?

ଉତ୍ତର:-ପରମେଶ୍ୱରଙ୍କ ବାକ୍ୟ ଓ ପ୍ରତିଜ୍ଞାକୁ ବିଶ୍ୱାସ କରୁଥିବା ସମସ୍ତଙ୍କୁ ପାପ କ୍ଷମା, ଶୟତାନର ଶକ୍ତିରୁ ଓ ପାପର ବନ୍ଧନରୁ ମୁକ୍ତି ଓ ଅନନ୍ତ ଜୀବନ ବାପ୍ତିସ୍ମ ନେବା ଦ୍ୱାରା ମିଳୁଅଛି ।

ପ୍ରଶ୍ନ:-ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ବାପ୍ତିସ୍ମ ଓ ବିଶ୍ୱାସ ପ୍ରତି କ'ଣ କହିଛନ୍ତି ?

ଉତ୍ତର:-ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ,ସେ ପରିତ୍ରାଣ ପାଇବ,କିନ୍ତୁ .ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।( ମାର୍କ 16:16)।

**C.ବାପ୍ତିସ୍ମର ଶକ୍ତି**

ପ୍ରଶ୍ନ:-କେବଳ ସାଧାରଣ ପାଣି ପାପ କ୍ଷମା ଓ ଅନନ୍ତ ଜୀବନ ଇତ୍ୟାଦି ମହାନ୍ ଆଶିର୍ବାଦ ଗୁଡ଼ିକୁ କିପରି ଦେଇ ପାରେ ?କିମ୍ବା ବଡ଼ ବଡ଼ କାର୍ଯ୍ୟ କିପରି କରିପାରେ ?

ଉତ୍ତର:-ସାଧାରଣ ପାଣି ଏ ଭଳି ମହାନ୍ ଆଶିର୍ବାଦ ଗୁଡ଼ିକ ଦେଇ ପାରେ ନାହିଁ, ପ୍ରକୃତରେ ପରମେଶ୍ୱରଙ୍କ ବାକ୍ୟ ଓ ବାକ୍ୟ ପ୍ରତି ବିଶ୍ୱାସ ହିଁ ଏ ସମସ୍ତ ମହାନ୍ କାର୍ଯ୍ୟ କରେ । ପରମେଶ୍ୱରଙ୍କ ବାକ୍ୟ ବିନା ପାଣି ସାଧାରଣ ପାଣି ଅଟେ,କିନ୍ତୁ ବାପ୍ତିସ୍ମରେ ପାଣି ପରମେଶ୍ୱଙ୍କ ଜୀବନ୍ତ ବାକ୍ୟ ଦ୍ୱାରା ଶକ୍ତିଯୁକ୍ତ ଅସାଧରଣ ଅନନ୍ତ ଜୀବନ ଦେବା ଜଳ ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ପୁନର୍ଜନ୍ମର ପ୍ରକ୍ଷାଳନ ଅଟେ । ଲେଖା ଅଛି, ସେତେବେଳେ ସେ ଆମ୍ଭମାନଙ୍କ କୃତ ଧର୍ମକର୍ମ ଶକାଶେ ନୁହେଁ,ମାତ୍ର ଆପଣାର ଦୟା ଅନୁସାରେ ପୁନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି । ସେହି ଆତ୍ମାଙ୍କୁ ସେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚୁର ରୂପେ ଆମ୍ଭମାନଙ୍କ ଉପରେ ଢ଼ାଳିଦେଲେ,ଯେପରି ଆମ୍ଭେମାନେ ତାହାଙ୍କ ଅନୁଗ୍ରହରେ ଧାର୍ମିକ ଗଣିତ ହୋଇ ଭରସାରେ ଅନନ୍ତ ଜିବନରର ଅଧିକାରୀ ହେବୁ ।(ତିତସ୍ 3:5-7) ।

**D.ପାଣିରେ ବାପ୍ତିସ୍ମ ଦେବାର ମୂଖ୍ୟତା ବା ପ୍ରଧାନତା**

ପ୍ରଶ୍ନ :-ଏହି ପ୍ରକାର ପାଣିରେ ବାପ୍ତିସ୍ମ ନେବାର ଅର୍ଥ କ'ଣ ?

ଉତ୍ତର:- ପାପ ପ୍ରତି ମୃତ ଓ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ସହଭାଗିତାରେ ଧାର୍ମିକତାରେ ଜୀବନ ଯାପନ କରିବା ହିଁ ବାପ୍ତିସ୍ମର ଅର୍ଥ ଅଟେ ।ଲେଖା ଅଛି,ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ,ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଉତ୍ ଥାପିତ ହେଲେ,ଆମ୍ଭେମାନେ ମଧ୍ଯ ସେପରି ଜୀବନର ନୂତନ ଭାବରେ ଆଚରଣ କରୁ ।କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ, ତାହାହେଲେ ନିଶ୍ଚୟ ତାହାଙ୍କ ପୁନଃରୁଥାନର ସାଦୃଶ୍ୟରେ ମଧ୍ୟ ପୁନଃରୁଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ।(ରୋମୀୟ 6:4-5)।

# ପାପସ୍ୱୀକାର ଓ ପାପକ୍ଷମାର ଅଧିକାର(THE OFFICE OF THE KEYS AND CONFESSION)

**(ପରିବାରର କର୍ତ୍ତା ଆପଣା ପରିବାରର ସଭ୍ୟମାନଙ୍କୁ ଶିକ୍ଷା ଦେବାର ଏକ ଆଦର୍ଶ ଉଦାହରଣ )**

ପ୍ରଶ୍ନ:-ପାପକ୍ଷମାର ଅଧିକାରର ଅର୍ଥ କ'ଣ ?

ଉତ୍ତର:-ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀର ବିଶ୍ୱାସୀମାନଙ୍କ ପାପ କ୍ଷମା କରିବାକୁ,(ଯେଉଁମାନେ ସଂପୂର୍ଣ୍ଣ ହୃଦୟ ସହିତ ଆପଣା ଆପଣା ସ୍ୱୀକାର ଓ ମନପରିବର୍ତ୍ତନ କରନ୍ତି) ଓ ସେମାନଙ୍କର ପାପ କ୍ଷମା ନ କରିବାକୁ (ଯେଉଁମାନେ ସଂପୂର୍ଣ୍ଣ ହୃଦୟର ସହିତ ଆପଣା ଆପଣା ପାପ ସ୍ୱୀକାର ଓ ମନପରିବର୍ତ୍ତନ ନ କରନ୍ତି), ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀକୁ ଦେଇଥିବା ଅଧିକାରକୁ ପାପକ୍ଷମାର ଅଧିକାର କୁହାଯାଏ ।

ପ୍ରଶ୍ନ:-ପବିତ୍ର ବାଇବଲର କେଉଁଠାରେ ପାପକ୍ଷମା ଅଧିକାରର ବିଷୟରେ ଲେଖା ଅଛି ?

ଉତ୍ତର:-ଯୀଶୁ ସେମାନଙ୍କୁ ପୂନର୍ବାର କହିଲେ,ତୁମ୍ଭମାନଙ୍କର ଶାନ୍ତି ହେଉ, ପିତା ଯେପ୍ରକାରେ ମୋତେ ପ୍ରେରଣ କରିଅଛନ୍ତି,ମୁଁ ମଧ୍ୟ ସେ ପ୍ରକାରେ ତୁମ୍ଭମାନଙ୍କୁ ପ୍ରେରଣ କରୁଅଛି ।ସେ ଏହା କହି ସେମାନଙ୍କ ଉପରେ ପ୍ରଶ୍ୱାସ ଛାଡ଼ି ସେମାନଙ୍କୁ କହିଲେ,ପବିତ୍ରଆତ୍ମାଙ୍କୁ ଗ୍ରହଣ କର, ତୁମ୍ଭେମାନେ ଯଦି କାହାର ପାପ କ୍ଷମା କରିବ, ତେବେ ତାହାର ପାପ କ୍ଷମା ହେବ,ପୁଣି କାହାର ପାପ କ୍ଷମା ନ କରିବ,ତେବେ ତାହାର ପାପ କ୍ଷମା ହେବ ନାହିଁ ।(ଯୋହନ 20:21-23,ମାଥିଉ 16:19 ଓ 18:18) ।

ପ୍ରଶ୍ନ:-ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ମୁଖନିର୍ଗତ ଏହି ବାକ୍ୟ ବିଷୟରେ ଆପଣଙ୍କ ବିଶ୍ୱାସମତ କ'ଣ ?

ଉତ୍ତର:-ପରମେଶ୍ୱରଙ୍କ ଦ୍ୱାରା ଆହୂତ ଓ ମନୋନୀତ ପରମେଶ୍ୱରଙ୍କ ସେବକ(ପାଳକ)ତାହାଙ୍କ ପ୍ରତିନିଧି ଭାବରେ ଆପଣାକୁ ପ୍ରଦତ୍ତ ଅଧିକାରର ପ୍ରୟୋଗ କଲାବେଳେ ତାହା ସ୍ୱର୍ଗରେ ସଫଳ ହୁଏ ବୋଲି ମୁଁ ବିଶ୍ୱାସ କରୁଅଛି ।(ଯୋହନ 20:21-23, ମାଥିଉ 16:19 ଓ ମାଥିଉ 18:18 ଅନୁସାରେ ) ।

## ପାପ ସ୍ୱୀକାର(THE CONFESSION OF SINS)

ପ୍ରଶ୍ନ:-ପାପ ସ୍ୱୀକାରର ଅର୍ଥ କ'ଣ ?

ଉତ୍ତର:-ପାପ ସ୍ୱୀକାରର ଦୁଇଟି ଭାଗ ଅଛି, ଯଥା:-1.ଆମ୍ଭମାନଙ୍କ ପାପ ସ୍ୱୀକାର କରିବା ଓ 2.ପରମେଶ୍ୱରଙ୍କ ଦ୍ୱାରା ଆହୂତ ଏବଂ ମନୋନୀତ ତାହାଙ୍କ ସେବକ(ପାଳକ) ଆପଣାକୁ ପ୍ରଦତ୍ତ ଅଧିକାରର ପ୍ରୟୋଗ କରି ଆମ୍ଭମାନଙ୍କ ପାପ କ୍ଷମା କରିବା ସମୟରେ, ପରମେଶ୍ୱର ସ୍ୱୟଂ ଆମ୍ଭମାନଙ୍କ ପାପ କ୍ଷମା କରୁଛନ୍ତି ବୋଲି ନିଃସନ୍ଦେହ ବିଶ୍ୱାସ କରିବା ।

ପ୍ରଶ୍ନ:- କେଉଁ ପ୍ରକାର ପାପ ଗୁଡ଼ିକୁ ଆମ୍ଭମାନଙ୍କର ସ୍ୱୀକାର କରିବା ଉଚିତ୍ ?

ଉତ୍ତର:-ସଦାପ୍ରଭୁ ପରମେଶ୍ୱରଙ୍କ ନିକଟରେ ଜ୍ଞାତ ଓ ଅଜ୍ଞାତ ସମସ୍ତ ପ୍ରକାର ପାପ ଗୁଡ଼ିକୁ ସ୍ୱୀକାର କରିବା ଉଚିତ୍ ,ଯେପରି ପ୍ରଭୁଙ୍କ ପ୍ରାର୍ଥନାରେ ଆମ୍ଭେମାନେ କହିଥାଉ,କିନ୍ତୁ ପରମେଶ୍ୱରଙ୍କ ମନୋନିତ ସେବକଙ୍କ(ପାଳକଙ୍କ) ନିକଟରେ ପାପ ସ୍ୱୀକାର କରିବା ସମୟରେ ଆମ୍ଭମାନଙ୍କୁ କେବଳ ଜ୍ଞାତ ବା ବୋଧ ଥିବା ପାପ ଗୁଡ଼ିକୁ ସ୍ୱୀକାର କଲେ ଯଥେଷ୍ଟ ଅଟେ ।

ପ୍ରଶ୍ନ:-କେଉଁ ପ୍ରକାର ପାପ ଜ୍ଞାତ ପାପ ଗୁଡ଼ିକର ଅନ୍ତର୍ଭୁକ୍ତ ?

ଉତ୍ତର:- ଦଶ ଆଜ୍ଞା ଅନୁସାରେ ଆମ୍ଭେମାନେ ପରମେଶ୍ୱରଙ୍କ ଆଜ୍ଞାବହ କି ନୋହିଁ ଆପଣା ଆପଣା ଭାବବିଚାରରେ,କଥାବାର୍ତ୍ତା ଓ କାର୍ଯ୍ୟକଳାପରେ, ସତର୍କତା ଅବଲମ୍ବନ କରିବା ଉଚିତ୍ ।ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ପରମେଶ୍ୱରଙ୍କ ଆଜ୍ଞା ଉଲଘଂନ କରିବା ପାପ ହିଁ ଜ୍ଞାତ ପାପର ଅନ୍ତର୍ଭୁକ୍ତ ଅଟେ ।

## ପରମେଶ୍ୱରଙ୍କ ନିକଟରେ ପାପ ସ୍ୱୀକାର କରିବାର ଏକ ଆଦର୍ଶ ଉଦାହରଣ

ହେ, ଦୟାମୟ ପରମେଶ୍ୱର,ଅଧମ ପାପୀ ଯେ ମୁଁ, ବିନମ୍ରତାର ସହିତ ତୁମ୍ଭର ପାଦତଳେ ସାଷ୍ଟାଂଗ ପ୍ରଣାମ କରି ତୁମ୍ଭର ଅନୁଗ୍ରହ ଓ କୃପା ଭିକ୍ଷା କରୁଅଛି ।ଆପଣାର ଭାବବିଚୀରରେ, ମୁଖବାକ୍ୟରେ ଏବଂ କାର୍ଯ୍ୟକଳାପରେ ଅନେକ ପାପ କରିଅଛି ବୋଲି ଦୁଃଖର ସହିତ ମନପରିବର୍ତ୍ତନ ଓ ମୋହର ସମସ୍ତ ପାପ ତୁମ୍ଭ ନିକଟରେ ସ୍ୱୀକାର କରୁଅଛି । ହେ, ଅନୁଗ୍ରହକାରୀ ପ୍ରଭୁ,ମୁଁ ତୁମ୍ଭର ଅଯୋଗ୍ୟ ଓ ନରକର ଯୋଗ୍ୟ ଅଟେ, ତଥାପି ହେ ପରମେଶ୍ୱର ଦୟାକରି ମୋତେ ଆପଣାର ଉପସ୍ଥିତିରୁ ଦୂର କର ନାହିଁ । ହେ ଦୟାମୟ ପରମେଶ୍ୱର ମୋହର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ମୋହର ପାପ ନିମନ୍ତେ ତାଡ଼ନା ସହିଲେ ଓ କୃଶାର୍ପିତ ହୋଇ ମୃତ୍ୟୁବରଣ କଲେ ତାହା ସ୍ମରଣ କରି ଦୟାରେ ମୋହର ପାପ ସବୁ କ୍ଷମା କର । ମୁଁ ପୁନର୍ବାର ପାପ ନ କରି ସାରା ଜୀବନରେ ତୁମ୍ଭର ପ୍ରିୟପାତ୍ର ଓ ଆଜ୍ଞାବହ ହୋଇ ତୁମ୍ଭର ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରିବା ନିମନ୍ତେ ଆପଣା

ପବିତ୍ରଆତ୍ମା ଦେଇ ମୋହର ସାହାର୍ଯ୍ୟ କର । ମୁଁ ଅନନ୍ତ ଜୀବନର ଅଧିକାରୀ ହୋଇ ଶେଷରେ ଆଶିର୍ବାଦଯୁକ୍ତ ମୃତ୍ୟୁଭୋଗ କରି ସ୍ୱର୍ଗରାଜ୍ୟକୁ ପ୍ରବେଶ କରିବା ନିମନ୍ତେ ମୋହର ସାହାର୍ଯ୍ୟ କର, ହେ ପ୍ରଭୁ, ତୁମ୍ଭେ ମୋହର ନିବେଦନ ଶୁଣିଲ ଓ ଦୟାରେ ଗ୍ରହଣ କଲ ବୋଲି ବିଶ୍ୱାସର ସହିତ ତୁମ୍ଭର ଧନ୍ୟବାଦ କରୁଅଛି । ଆପଣା ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରୁଅଛି ।ଆମେନ୍ ।

## ପାପ କ୍ଷମା(THE ABSOLUTION)

ପରମେଶ୍ୱରଙ୍କ ସେବକ(ପାଳକ) କହନ୍ତୁ:-ସଦାପ୍ରଭୁ ପରମେଶ୍ୱର ଆପଣଙ୍କ ଉପରେ ଅନୁଗ୍ରହ କରି ଆପଣଙ୍କୁ ବିଶ୍ୱାସରେ ଦୃଢ଼ କରି ରଖନ୍ତୁ । ଆମେନ୍ । ପ୍ରଶ୍ନ:-ମୁଁ ଆପଣଙ୍କୁ ଦେଉଥିବା ପାପ କ୍ଷମା ପରମେଶରଙ୍ଠାରୁ ବୋଲି ଆପଣ ବିଶ୍ୱାସ କରୁଛନ୍ତି କି ?

ପାପ ସ୍ୱୀକାର କରୁଥିବା ବିଶ୍ୱାସୀ କହନ୍ତୁ:-ଆଜ୍ଞା ହଁ, ମୁଁ ବିଶ୍ୱାସ କରୁଅଛି ।

ସେବକ(ପାଳକ) କହନ୍ତୁ:-ଆପଣଙ୍କ ବିଶ୍ୱାସର ଅନୁସାରେ ଆପଣଙ୍କ ପ୍ରତି ହେଉ । ମୁଁ ମଧ୍ୟ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଜ୍ଞା ଅନୁସାରେ ପିତା,ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ଆପଣଙ୍କ ପାପ କ୍ଷମା କରୁଅଛି, ଆପଣ ଶାନ୍ତିର ସହିତ ଯାଆନ୍ତୁ ।

## ପ୍ରଭୁଭୋଜର ପବିତ୍ର ନିୟମ(THE SACRAMENT OF THE ALTAR)

**(ପରିବାରର କର୍ତ୍ତା ଆପଣା ପରିବାରର ସଭ୍ୟମାନଙ୍କୁ ଶିକ୍ଷା ଦେବାର ଏକ ଆଦର୍ଶ ଉଦାହରଣ)**

**A.ପ୍ରଭୁଭୋଜର ଅର୍ଥ କ'ଣ ?**

ଉତ୍ତର:-ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ଅନୁସାରେ,ଖ୍ରୀଷ୍ଟଙ୍ଠାରେ ଥିବା ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀର ସଭ୍ୟମାନେ ଭୋଜନ କରୁଥିବା ରୋଟୀ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପ୍ରକୃତ ଶରୀର ଓ ପାନ କରୁଥିବା ଦ୍ରାକ୍ଷାରସ ତାହାଙ୍କ ପ୍ରକୃତ ରକ୍ତ ଅଟେ ।ଖ୍ରୀଷ୍ଟୀୟ ମଣ୍ଡଳୀରେ କରାଯାଉଥିବା ଏହି ପବିତ୍ର କାର୍ଯ୍ୟକୁ ପ୍ରଭୁଭୋଜ ବୋଲି କୁହାଯାଏ ।

ପ୍ରଶ୍ନ:-ପବିତ୍ର ପ୍ରଭୁଭୋଜ ବିଷୟରେ ପବିତ୍ର ବାଇବଲର କେଉଁ ଭାଗରେ ଲେଖା ଅଛି ?

ଉତ୍ତର:-ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁଖ୍ରୀଷ୍ଟ ରୋଟି ଘେନି ଧନ୍ୟବାଦ ଦେଇ ତାହା ଭାଂଗି ଶିଷ୍ୟମାନଙ୍କୁ ଦେଇ କହିଲେ,"ନିଅ,ଭୋଜନ କର,ତୁମ୍ଭମାନଙ୍କ ପାପ କ୍ଷମା ନିମନ୍ତେ ସମର୍ପିତ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।

ସେହିପରି ଭୋଜନ କଲା ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ,ନିଅ ପାନ ,କର ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ, ତୁମ୍ଭେମାନେ ଯେତେଥର ଏଥିରୁ ପାନ କର,ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ତାହା କର ।(1କରିନ୍ଥୀୟ 11:23-25) ।

**B.ପ୍ରଭୁଭୋଜର ଉପକାରିତା**

ପ୍ରଶ୍ନ:-ଏହି ପ୍ରକାର ଭୋଜନପାନ କରିବା ଦ୍ୱାରା କ'ଣ ଲାଭ ମିଳୁଛି ?

ଉତ୍ତର: -ଏହା ତୁମ୍ଭମାନଙ୍କ ପାପ କ୍ଷମା ଉଦ୍ଦେଶ୍ୟ ତୁମ୍ଭମାନଙ୍କ ନିମନ୍ତେ ସମର୍ପିତ ମୋହର ଶରୀର ଓ ପାତିତ ମୋହର ପବିତ୍ର ରକ୍ତ ।ଆମ୍ଭମାନଙ୍କ ତ୍ରାଣକର୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମୁଖ ନିର୍ଗତ ଏହି ବାକ୍ୟ ହିଁ ଲାଭ ଉତ୍ପନ୍ନ କରୁଅଛି । ଭୋଜନପାନରୁ କୌଣସି ଲାଭ ହୁଏ ନାହିଁ । ଏହି ବାକ୍ୟକୁ ବିଶ୍ୱାସ କରୁଥିବା ବ୍ୟକ୍ତିକୁ ପ୍ରଭୁଭୋଜରୁ ପାପକ୍ଷମା ଓ ଅନନ୍ତ ଜୀବନ ତଥା ଭବିଷ୍ୟତରେ ସ୍ୱର୍ଗରାଜ୍ୟ ମିଳୁଅଛି ।କାରଣ ଯେଉଁଠାରେ ପାପ କ୍ଷମା ଅଛି ସେଠାରେ ଅନନ୍ତ ଜୀବନ ଓ ସ୍ୱର୍ଗରାଜ୍ୟ ମଧ୍ୟ ଅଛି ।

**C.ପ୍ରଭୁଭୋଜରୁ ମିଳୁଥିବା ଶକ୍ତି**

ପ୍ରଶ୍ନ:-ଏହି ପ୍ରକାର ଭୋଜନ ଓ ପାନରୁ ଉତ୍ତମ ଆଶିର୍ବାଦ ଓ ଉତ୍ତମ ଫଳ କିପରି ମିଳୁଅଛି ?

ଉତ୍ତର:-ଭୋଜନ ଓ ପାନରୁ ଏହି ପ୍ରକାର ଉତ୍ତମ ଆଶିର୍ବାଦ ଓ ଫଳ ମିଳିପାରେ ନାହିଁ, କିନ୍ତୁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମୁଖରୁ ନିର୍ଗତ ବାକ୍ୟ ଦ୍ୱାରା ହିଁ ବିଶ୍ୱାସ କରୁଥିବା ଲୋକମାନଙ୍କୁ ଏହି ପ୍ରକାର ଉତ୍ତମ ଆଶିର୍ବାଦ ଓ ଫଳ ମିଳୁଅଛି । ତୁମ୍ଭମାନଙ୍କ ପାପକ୍ଷମା ଉଦ୍ଦେଶ୍ୟରେ ସମର୍ପିତ ଏହା ମୋହର ଶରୀର ଓ ପାତିତ ଏହା ମୋହର ରକ୍ତ, ଏହି ବାକ୍ୟକୁ ବିଶ୍ୱାସ କରି ପ୍ରଭୁଭୋଜ ଗ୍ରହଣ କରୁଥିବା ଲୋକମାନଙ୍କୁ ମାତ୍ର ପାପକ୍ଷମା,ଅନନ୍ତ ଜୀବନ ଓ ସ୍ୱର୍ଗରାଜ୍ୟ ମିଳୁଅଛି ।

**D.ପ୍ରଭୁଭୋଜ ନିମନ୍ତେ ଆବଶ୍ୟକ ଯୋଗ୍ୟତା ଓ ପ୍ରସ୍ତୁତି**

ପ୍ରଶ୍ନ:-କିଏ ପ୍ରଭୁଭୋଜ ଗ୍ରହଣ କରିବା ନିମନ୍ତେ ଯୋଗ୍ୟ ? କିମ୍ବା ପ୍ରଭୁଭୋଜ ଗ୍ରହଣ କରିବା ନିମନ୍ତେ କେଉଁ ପ୍ରକାର ଯୋଗ୍ୟତାର ଆବଶ୍ୟକ ?

ଉତ୍ତର:-ଉପବାସ ଓ ଶାରୀରୀକ ପ୍ରସ୍ତୁତି ବାହ୍ୟରୂପ ପ୍ରସ୍ତୁତି ମାତ୍ର ,କିନ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମୂଖରୁ ନିର୍ଗତ ବାକ୍ୟକୁ  ସଂପୂର୍ଣ୍ଣ ହୃଦୟରେ ବିଶ୍ୱାସ କରିବା ହିଁ ପ୍ରଭୁଭୋଜ ନିମନ୍ତେ ଉତ୍ତମ ଯୋଗ୍ୟତା ଓ ପ୍ରସ୍ତୁତି ।କାରଣ, ତୁମ୍ଭମାନଙ୍କ ପାପକ୍ଷମା ଉଦ୍ଦେଶ୍ୟରେ, ତୁମ୍ଭମାନଙ୍କ  ନିମନ୍ତେ ସମର୍ପିତ ଏହା ମୋହର ଶରୀର ଓ ପାତିତ ଏହା ମୋହର ରକ୍ତ ,ଉକ୍ତ ବାକ୍ୟ ହିଁ ଏକ ସଂପୂର୍ଣ୍ଣ ବିଶ୍ୱାସ ହୃଦୟର ଆବଶ୍ୟକତାକୁ ପ୍ରକାଶ କରୁଅଛି ।

**E. ପ୍ରଭୁ ଯୀଶୁଖ୍ରୀଷ୍ଟ ସ୍ୱୟଂ ପବିତ୍ର ପ୍ରଭୁଭୋଜର ସ୍ଥାପନ କଲେ ।**

ଆମ୍ଭମାନଙ୍କ ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ଆପଣା ଶିଷ୍ୟମାନଙ୍କ ସହିତ ନିସ୍ତାରପର୍ବ ପାଳନ କରିବାକୁ ବସିଲେ ।ଆଉ ସେମାନେ ଭୋଜନ କରୁଥିବା ସମୟରେ ଯୀଶୁ ରୋଟି ଘେନି ଆଶିର୍ବାଦ କଲେ ଓ ତାହା ଭାଂଗି ଶିଷ୍ୟମାନଙ୍କୁ ଦେଇ କହିଲେ,ନିଅ, ଭୋଜନ କର, ଏହା ମୋହର ଶରୀର । ଭୋଜନ କଲା ଉତ୍ତାରେ ସେ ପାନପାତ୍ର ଧେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ,ଏଥିରୁ ସମସ୍ତେ ପାନ କର ।କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ  ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉ ଅଛି ଏ ମୋହର ସେହି ରକ୍ତ ।(ମାଥିଉ 26:26-28 ) ।ଏହି ସମସ୍ତ କଥା କହିଲା ଉତ୍ତାରେ ପ୍ରଭୁ ଯୀଶୁ ଆତ୍ମାରେ ଉଦ୍ ବିଗ୍ନ ହେଲେ ଓ ସାକ୍ଷ୍ୟ ଦେଇ କହିଲେ,ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋତେ ଶତ୍ରୁହସ୍ତରେ ସମର୍ପଣ କରିବ ।ସେ କାହା ସମ୍ବନ୍ଧରେ  କହୁଛନ୍ତି ସେ ବିଷୟରେ  ହତବୁଦ୍ଧି ହୋଇ ଶିଷ୍ୟମାନେ ପରସ୍ପରକୁ ଚାହିଁବାକୁ ଲାଗିଲେ ।ଯୀଶୁଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ,ଯାହାକୁ ଯୀଶୁ ପ୍ରେମ କରୁଥିଲେ,ସେ ଯୀଶୁଙ୍କ ଦକ୍ଷିଣ ପାର୍ଶ୍ୱରେ ବସି ଭୋଜନ କରୁଥିଲେ ।ଅତଏବ ଶିମୋନ ପିତର ତାକୁଂ ସଂକେତ କରି କହିଲେ,ସେ କାହା ସମ୍ବନ୍ଧରେ କହୁଅଛନ୍ତି ତାହା କୁହ, ସେ ସେ ପ୍ରକାର ବସି ଥାଇ ଯୀଶୁଙ୍କ ବକ୍ଷରେ ଆଉଜି ପଡ଼ି ତାହାଙ୍କୁ ପଚାରିଲେ, ପ୍ରଭୁ ,ସେ କିଏ, ? ତେଣୁ ଯୀଶୁ ଉତ୍ତର ଦେଇ କହିଲେ,ଯାହା ନିମନ୍ତେ ମୁଁ ଏହି ରୋଟି ଖଣ୍ଡକ ବୁଡ଼ାଇବି ଓ ଯାହାକୁ ତାହା ଦେବି ସେ ।ତହିଁରେ ସେ ସେହି ରୋଟି ଖଣ୍ଡକ ବୁଡ଼ାଇ ତାହା ଘେନି ଇଷ୍କରିୟୋତୀୟ ସିମୋନର ପୁତ୍ର ଯିହୁଦାକୁ ଦେଲେ । ସେ ରୋଟି ଖଣ୍ଡକ ପାଇଲା ଉତ୍ତାରେ ଶୟତାନ ତାହା ମଧ୍ୟରେ ପ୍ରବେଶ କଲା ।ସେଥିରେ ତାକୁ କହିଲେ, ଯାହା କରୁଅଛ,ତାହା ଶିଘ୍ର କର ।କିନ୍ତୁ ସେ କେଉଁ ଉଦ୍ଦେଶ୍ୟରେ ତାକୁ ଏହି କଥା କହିଲେ , ତାହା ଭୋଜନରେ ବସିଥିବା ଲୋକମାନଙ୍କୁ ମଧ୍ୟରୁ କେହି ଜାଣିଲେ ନାହିଁ ।କାରଣ ଯିହୁଦା ନିକଟରେ ଟଂକାଥଳି ଥିବାରୁ,ପର୍ବ ନିମନ୍ତେ ଯାହା ଯାହା ପ୍ରୟୋଜନ

,ତାହା କ୍ରୟ କରିବାକୁ କିମ୍ବା ଦରିଦ୍ରମାନଙ୍କୁ କିଛି ଦାନ କରିବାକୁ ଯୀଶୁ ତାକୁ କହିଲେ ବୋଲି କେହି କେହି ମନେ କଲେ ।ରୋଟି ଖଣ୍ଡକ ଗ୍ରହଣ କରି ସେ ତତ୍ କ୍ଷଣାତ୍ ବାହାରି ଗଲା,ସେତେବେଳେ ରାତ୍ରି କାଳ ।( ଯୋହନ13:21-30) ।ପୁଣି ପ୍ରଭୁ ଯୀଶୁ ରୋଟି ଘେନି ଧନ୍ୟବାଦ ଦେଲେ ଓ ତାହା ଭାଂଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ, ଭୋଜନ କର ,ଏହା ତୁମ୍ଭମାନଙ୍କ ପାପକ୍ଷମା ଉଦ୍ଦେଶ୍ୟରେ  ତୁମ୍ଭମାନଙ୍କୁ ନିମନ୍ତେ ସମର୍ପିତ ମୋହର ଶରୀର । ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ଭୋଜନ କଲେ ଉତ୍ତାରେ ସେ ସେହିପରି ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ,ନିଅ ସମସ୍ତେ ଏହି ପାନପାତ୍ରରୁ ପାନ କର । ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ,ତୁମ୍ଭେମାନେ ଯେତେ ଥର ଏଥିରୁ ପାନ କର ସେତେ ଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।(1କରିନ୍ଥୀୟ 11:23-25) ।

ପ୍ରଭୁଭୋଜ ସମ୍ବନ୍ଧୀୟ ଅନ୍ୟ ବାକ୍ୟ ଗୁଡ଼ିକ (ମାର୍କ 14:17-24,ଲୁକ 22:14-23 ) ।

## ସକାଳ ସମୟର ପ୍ରାର୍ଥନା(MORNING PRAYER)

**(ପରିବାରର କର୍ତ୍ତା ଆପଣା ପରିବାରର ସଭ୍ୟମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଏକ ଆଦର୍ଶ ଉଦାହରଣ )**

ଭୋର ସକାଳ ସମୟରେ ବିଛଣାରୁ ଉଠି,ପରିବାରର ସମସ୍ତେ ମିଶି ସଦାପ୍ରଭୁ ପରମେଶ୍ୱରଙ୍କ ଧନ୍ୟବାଦ ଓ ସ୍ତୁତିପ୍ରଶଂସା କରିବା ଉଚିତ୍ ।ସମସ୍ତେ ମିଶି ଗୋଟିଏ ଧନ୍ୟବାଦର ଗୀତ ଗାଆନ୍ତୁ ।ତାହାପରେ ଜଣେ ଗିତସଂହିତାରୁ କିମ୍ବା ଏନ୍ୟ ଭାଗରୁ ପବିତ୍ର ବାଇବଲ ପରମେଶ୍ୱରଙ୍କ ବାକ୍ୟରୁ ପଢ଼ନ୍ତୁ ଓ ଅନ୍ୟମାନେ ଭୟ ଓ ଭକ୍ତି ପୁଣି ଧ୍ୟାନର ସହିତ ଶୁଣନ୍ତୁ । ପୁଣି ସମସ୍ତେ ଆଣ୍ଠୁପାତି କିମ୍ବା ଠିଆ ହୋଇ ପ୍ରେରିତଙ୍କ ବିଶ୍ୱାସମତ ବାକ୍ୟ କୁହନ୍ତୁ । ତାହାପରେ ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ସାରା ଦିନ ଆମ୍ଭମାନଙ୍କ ସହିତ ରହି ସବୁ କାମଗୁଡ଼ିକୁ ସୁଚାରୁ ରୂପେ କରିବାରେ ସେ ଆମ୍ଭମାନଙ୍କୁ ସାହାର୍ଯ୍ୟ କରିବା ନିମନ୍ତେ ଓ ଆମ୍ଭମାନଙ୍କୁ ବିଜୟ ପଥରେ କଢ଼େଇ ନେବା ନିମନ୍ତେ ଅନ୍ୟ ଜଣେ ପ୍ରାର୍ଥନା କରନ୍ତୁ ।

### ସକାଳ ସମୟର ପ୍ରାର୍ଥନାର ଏକ ଆଦର୍ଶ ଉଦାହରଣ

ହେ ମଂଗଳମୟ ସଦାପ୍ରଭୁ ପରମେଶ୍ୱର, ଗତ ରାତିରେ ଆମ୍ଭମାନଙ୍କୁ ସମସ୍ତ ପ୍ରକାର ମନ୍ଦରୁ ରକ୍ଷା କରି,ସୁରକ୍ଷା ଦେଇ ଆପଣା ଅନୁଗ୍ରହରେ ସମ୍ଭାଳି ଆଣିଲ,ସେଥିପାଇଁ ତୁମ୍ଭର ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ସ୍ତୁତି ଓ ପ୍ରଶଂସା କରୁଅଛୁ ।ହେ ଦୟାଳୁ ପରମେଶ୍ୱର, ଆଜି ସାରା ଦିନ ଆମ୍ଭମାନଙ୍କୁ

କୌଣସି ପରୀକ୍ଷାରେ ନ ଆଣି, ଆମ୍ଭମାନଙ୍କୁ ସମସ୍ତ ମନ୍ଦରୁ ରକ୍ଷା କର ଓ ଆପଣା ଧର୍ମ ପଥରେ ଆମ୍ଭମାନଙ୍କୁ କଢ଼ାଇ ନିଅ ।ଆମ୍ଭେମାନେ ତୁମ୍ଭର ଆଜ୍ଞାବହ ହୋଇ ତଥା ତୁମ୍ଭର ଆଜ୍ଞା ସବୁ ପାଳନ କରିବା ନିମନ୍ତେ ଆପଣା ପବିତ୍ର ଆତ୍ମା ଦେଇ ଆମ୍ଭମାନଙ୍କର ସାହାର୍ଯ୍ୟ କର । ଶୟତାନର ଶକ୍ତିରୁ, ସଂସାରୀକ ମୋହମାୟାରୁ ଓ ଆପଣା ଶରୀରର ସମସ୍ତ ଅଭିଳାଷାରୁ ଯୀଶୁଙ୍କ ନାମରେ ବିଜୟ ପାଇ ତୁମ୍ଭର ସେବାକାର୍ଯ୍ୟ ଉତ୍ତମ ଭାବେ କରି ତୁମ୍ଭର ପ୍ରିୟପାତ୍ର ହୋଇ ଜୀବନ ଯାପନ କରିବା ନିମନ୍ତେ ଆମ୍ଭମାନଙ୍କର ସହାୟତା କର । ଆମ୍ଭମାନଙ୍କ ପ୍ରାର୍ଥନା ଶୁଣିଲ ବୋଲି ବିଶ୍ୱାସରେ ତୁମ୍ଭର ଧନ୍ୟବାଦ କରୁଅଛୁ । ଆମ୍ଭମାନଙ୍କ ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମାଗୁ ଅଛି । ଆମେନ୍ ।(ମନେ ରଖନ୍ତୁ, ପ୍ରାର୍ଥନା ସଦାସର୍ବଦା ସତ୍ୟରେ ଓ ଆତ୍ମାରେ ପୁଣି ପବିତ୍ର ଆତ୍ମାଙ୍କ ସାହାର୍ଯ୍ୟରେ ଏବଂ ସଂପୂର୍ଣ୍ଣ ବିଶ୍ୱାସର ସହିତ କରିବା ଉଚିତ୍) ।ଶେଷରେ ସମସ୍ତେ ମିଶି ପ୍ରଭୁଙ୍କ ପ୍ରାର୍ଥନା କରନ୍ତୁ ପୁଣି ଖୁସିରେ ଆପଣା ଆପଣା କାମକୁ ଯାଆନ୍ତୁ ।

## ସନ୍ଧ୍ୟା ସମୟର ପ୍ରାର୍ଥନା(EVENING PRAYER)

### (ପରିବାରର କର୍ତ୍ତା ଆପଣା ପରିବାରର ସଭ୍ୟମାନଙ୍କୁ ଶିକ୍ଷା ଦେବାର ଏକ ଆଦର୍ଶ ଉଦାହରଣ)

ରାତ୍ରିରେ ବିଛଣାକୁ ଯିବା ପୂର୍ବରୁ ପରିବାରର ସମସ୍ତେ ମିଶି ସଦାପ୍ରଭୁ ,ପିତା,ପୁତ୍ର ଓ ପବିତ୍ର ଆତ୍ମା ପରମେଶ୍ୱରଙ୍କ ଧନ୍ୟବାଦ ଓବଂ ସ୍ତୁତି ପ୍ରଶଂସା କରନ୍ତୁ ।ଦିନ ସାରା ସେ ଆମ୍ଭମାନଙ୍କ ସହିତ ଥାଇ ସମସ୍ତ କାମଧନ୍ଦାରେ ଆମ୍ଭମାନଙ୍କ ସାହାର୍ଯ୍ୟ କରି ,ସମସ୍ତ ପ୍ରକାର ମନ୍ଦରୁ ରକ୍ଷା କରି କଢ଼ାଇ ଆଣିଥିବା ଅନୁଗ୍ରହ ହେତୁ ଗୋଟିଏ ସ୍ତୁତି ଓ ପ୍ରଶଂସାର ଗୀତ ଗାଇ ତାହାଙ୍କର ମହାନାମର ଗୌରବ କରନ୍ତୁ ।ତାହା ପରେ ଜଣେ ପବିତ୍ର ବାଇବଲ ପରମେଶ୍ୱରଙ୍କ ବାକ୍ୟରୁ ପଢ଼ନ୍ତୁ ଓ ଅନ୍ୟ ସମସ୍ତେ ଭୟ ଓ ଭକ୍ତି ତଥା ଧ୍ୟାନର ସହିତ ଶୁଣନ୍ତୁ ।ପୁଣି ସମସ୍ତେ ଆଣ୍ଠୁପାତି କିମ୍ବା ଠିଆ ହୋଇ ପ୍ରେରିତଙ୍କ ବିଶ୍ୱାସମତ ବାକ୍ୟ କହନ୍ତୁ । ତାହା ଉତ୍ତାରେ ଅନ୍ୟ ଜଣେ ପ୍ରାର୍ଥନା କରନ୍ତୁ ।

#### ସନ୍ଧ୍ୟା ସମୟ ପ୍ରାର୍ଥନାର ଏକ ଆଦର୍ଶ ଉଦାହରଣ

ହେ ପ୍ରେମମୟ, ପରମେଶ୍ୱର ପିତା,ତୁମ୍ଭ ମହାନାମର ଧନ୍ୟବାଦ କରୁଅଛୁ ।ଆଜି ପୂରା ଦିନ ଆମ୍ଭମାନଙ୍କ ସହିତରେ ରହି ଆମ୍ଭମାନଙ୍କ ସମସ୍ତ କାମଧନ୍ଦାରେ ଆମ୍ଭମାନଙ୍କ ସାହାର୍ଯ୍ୟ କଲ,ସମସ୍ତ ମନ୍ଦରୁ ଆମ୍ଭମାନଙ୍କୁ ରକ୍ଷା କରି ଅନୁଗ୍ରହରେ କଢ଼େଇ ଆଣିଲ,ସେଥି ନିମନ୍ତେ ତୁମ୍ଭର ପୁତ୍ର ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ନାମରେ ତୁମ୍ଭର ସ୍ତୁତି ,ପ୍ରଶଂସା ଓ ଗୌରବ କରୁଅଛୁ ।ହେ, ଅନୁଗ୍ରହକାରୀ ପରମେଶ୍ୱର ଆମ୍ଭେମାନେ ସାରା

ଜୀବନରେ ତୁମ୍ଭର ଆଜ୍ଞାବହ ହୋଇ ତୁମ୍ଭର ଆଜ୍ଞା ସବୁ ପାଳନ କରି ତୁମ୍ଭର ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରିବାରେ ଆମ୍ଭମାନଙ୍କର ସାହାର୍ଯ୍ୟ କର ।ଆଜି ରାତ୍ରିରେ ଆମ୍ଭମାନଙ୍କ ରକ୍ଷା କର, ସୁସପ୍ନ ଦେଖାଅ ଓ ସୁନିଦ୍ରା ଦିଅ ।ଆପଣା ପବିତ୍ର ଆତ୍ମା ଦେଇ ଆମ୍ଭମାନଙ୍କର ସାହାର୍ଯ୍ୟ କର, ତାହାଦ୍ୱାରା  ଆମ୍ଭେମାନେ ତୁମ୍ଭର ପ୍ରିୟପାତ୍ର ହୋଇ ଜୀବନ କାଟି ପାରିବୁ ଓ ତୁମ୍ଭର ସେବାରେ ଆପଣାକୁ ସମର୍ପଣ କରି ପାରିବୁ । ପ୍ରାର୍ଥନା ଶୁଣିଲ ବୋଲି ବିଶ୍ୱାସରେ ତୁମ୍ଭର ଧନ୍ୟବାଦ କରୁଅଛୁ । ଏହି ପ୍ରାର୍ଥନା ତୁମ୍ଭର ଏକମାତ୍ର ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମାଗୁଅଛି ।ଆମେନ୍ ।(ମନେ ରଖନ୍ତୁ, ସଦାସର୍ବଦା ପ୍ରାର୍ଥନା ସତ୍ୟରେ ଓ ଆତ୍ମାରେ ପୁଣି ପବିତ୍ର ଆତ୍ମାଙ୍କ ଚାଳନରେ ହିଁ କରିବା ଉଚିତ୍ ) ।ଶେଷରେ ସମସ୍ତେ ମିଶି ପ୍ରଭୁଙ୍କ ପ୍ରାର୍ଥନା କରି ଖୁସିରେ ଓ ଶାନ୍ତିରେ ଆପଣା ଆପଣା ବିଛଣାକୁ ଯାଆନ୍ତୁ ।

## ଖାଇବା ସମୟରେ ଆଶିର୍ବାଦ ଭିକ୍ଷା ଓ ଧନ୍ୟବାଦର ପ୍ରାର୍ଥନା

## (BLESSING  AND THANKS GIVING AT THE TABLE)

ଖାଇବା ସମୟରେ ସମସ୍ତେ ମିଶି  ପ୍ରାର୍ଥନା କରି କହିବା ଦରକାର ହେ ସଦାପ୍ରଭୁ,ସମସ୍ତଙ୍କ ଚକ୍ଷୁ ତୁମ୍ଭ ଅପେକ୍ଷାରେ ଥାଏ, ତୁମ୍ଭେ ଉପଯୁକ୍ତ ସମୟରେ ସେମାନଙ୍କୁ ଆହାର ଦେଉଅଛ ।ତୁମ୍ଭେ ଆପଣା ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନା ପୂର୍ଣ୍ଣ କରୁଅଛ ।(ଗୀତସଂହିତା 145:14-15) । ସମସ୍ତେ ମିଶି ପ୍ରଭୁଙ୍କ ପ୍ରାର୍ଥନା କରନ୍ତୁ ।ପୁଣି  ସମସ୍ତେ କହନ୍ତୁ ,ସଦାପ୍ରଭୁଙ୍କର ପ୍ରଶଂସା ଗାନ କର ଓ ତାହାଙ୍କ ମହାନାମର ଧନ୍ୟବାଦ କର,କାରଣ ସେ ପଶୁକୁ ତାହାର ଆହାର ଦିଅନ୍ତି ଓ ରାବନ୍ତା ଡାମରା କାଉଛୁଆମାନଙ୍କୁ ଆହାର ଦିଅନ୍ତି । (ଗୀତସଂହିତା 147:8-11) ।

### ଖାଇବା ସମୟର ଏକ ଆଦର୍ଶ ପ୍ରାର୍ଥନାର ଉଦାହରଣ

ହେ ପରମ ପିତା,ପରମେଶ୍ୱର ,ଆମ୍ଭମାନଙ୍କୁ ଆପଣା ଅନୁଗ୍ରହରେ ଦେଇଥିବା ଏହି ଆହାର ପାଇଁ ତୁମ୍ଭର ଧନ୍ୟବାଦ କରୁଅଛୁ । ଏହା ଖାଇ ଶରୀରରେ ଶକ୍ତି ଓ ସ୍ୱାସ୍ଥ୍ୟ ଲାଭ କରିବା ନିମନ୍ତେ ଆମ୍ଭମାନଙ୍କର ସାହାର୍ଯ୍ୟ କର ।ଆମ୍ଭେମାନେ ଜୀବନର ଶେଷ ପର୍ଯ୍ୟନ୍ତ ତୁମ୍ଭର ଆଜ୍ଞାବହ ହୋଇ ତୁମ୍ଭର ବାକ୍ୟ ଅନୁସାରେ ତୁମ୍ଭର ପ୍ରିୟପାତ୍ର ହୋଇ ଜୀବନ ଯାପନ କରିବା ନିମନ୍ତେ ସାହାର୍ଯ୍ୟ କର । ଗରୀବ ଦୁଃଖିରଂକି ସମସ୍ତଙ୍କୁ ଦିଅ,ଯେଉଁ ଭଣ୍ଡାରରୁ ଦେଲ ସେହି ଭଣ୍ଡାରକୁ ସଦାସର୍ବଦା ପରିପୂର୍ଣ୍ଣ କରି ରଖ ।ଆମ୍ଭମାନଙ୍କ ଉପରେ ସଦାସର୍ବଦା ଆପଣା

ଦୟାଦୃଷ୍ଟି ରଖ । ପ୍ରାର୍ଥନା ଶୁଣିଲ ବୋଲି ବିଶ୍ୱାସର ସହିତ ତୁମ୍ଭର ଧନ୍ୟବାଦ କରୁଅଛି ।ଆମ୍ଭମାନଙ୍କ ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ନିବେଦନ କରୁଅଛି ।ଆମେନ୍ ।

## କର୍ତ୍ତବ୍ୟକର୍ମ ଗୁଡ଼ିକର ତାଲିକା(THE TABLES OF DUTIES)

### ସଦାପ୍ରଭୁ ପରମେଶ୍ୱରଙ୍କ ସେବକମାନଙ୍କ(ପାଳକମାନଙ୍କ)ମଣ୍ଡଳୀମାନଙ୍କ ପ୍ରତି କର୍ତ୍ତବ୍ୟ

ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର (ପ୍ରଭୁ ଯୀଶୁଖ୍ରୀଷ୍ଟ) ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ରଆତ୍ମା ଯେସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷସ୍ୱରୂପେ ନିଯୁକ୍ତ କରିଅଛନ୍ତି ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ ।(ପ୍ରେରିତ 20:28)

ତୁମ୍ଭମାନଙ୍କ ତତ୍ତ୍ୱାବଧାନରେ ଥିବା ଈଶ୍ୱରଙ୍କ ପଲକୁ ପ୍ରତିପାଳନ କର ।ବାଧ୍ୟ ହୋଇ ନୁହେଁ,ମାତ୍ର ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସ୍ୱଚ୍ଛନ୍ଦ ମନରେ କୁତ୍ସିତ ଲାଭ ନିମନ୍ତେ ନୁହେଁ,କିନ୍ତୁ ଆଗ୍ରହ ସହକାରେ ତାହା କର,ପୁଣି ଯେଉଁମାନଙ୍କ ଦାୟିତ୍ୱଭାର ତୁମ୍ଭମାନଙ୍କ ହସ୍ତରେ ସମର୍ପିତ ହୋଇଅଛି,ସେମାନଙ୍କ ଉପରେ ପର୍ତ୍ତାପଣ ନ କରି ପଲର ଆଦର୍ଶ ସ୍ୱରୂପ ହୋଇ ତାହା କର । ସେଥିରେ ପ୍ରଧାନ ପାଳକ ପ୍ରକାଶିତ ହେବା ସମୟରେ ତୁମ୍ଭେମାନେ ଗୌରବର ଅମ୍ଳାନମୁକୁଟ ପାଇବ । (1ପିତର 5:2-4)**।ସେବକ ପଦ ପାଇଁ (ପାଳକ ପଦ ପାଇଁ) ଯୋଗ୍ୟତା**

ଅତଏବ, ଅଧ୍ୟକ୍ଷଙ୍କର(ପାଳକଙ୍କର)ଅନିନ୍ଦନୀୟ ହେବା ଆବଶ୍ୟକ,ସେ ଅବଶ୍ୟ ଏକ ସ୍ତ୍ରୀର ସ୍ୱାମୀ,ମିତଭୋଗୀ,ସୁବୁଦ୍ଧି,ସଦାଚାରୀ,ଆତିଥ୍ୟପ୍ରିୟ ଓ ଶିକ୍ଷାଦାନରେ ନିପୁଣ ହେବା ଦରକାର ।ମଦ୍ୟପାୟୀ କି ବିବାଦପ୍ରିୟ ନ ହୋଇ ବରଂ ମୃଦୁଶୀଳ,ନିର୍ବିରୋଧ ଓ ନିର୍ଲୋଭ ହେବା ଉଚିତ୍ ।ଆପଣା ପରିବାରକୁ ଉତ୍ତମରୂପେ ଶାସନ କରୁଥିବା ଦରକାର,ଗାମ୍ଭୀର୍ଯ୍ୟ ସହକାରେ ଆପଣା ସନ୍ତାନମାନଙ୍କୁ ବଶଇଭୂତ କରି ରଖିବା ଉଚିତ୍ ।(କେହି ଯଦି ଆପଣା ପରିବାରକୁ ଶାସନ କରିବାକୁ ଜାଣେ ନାହିଁ,ତେବେ ସେ କିପରି ଈଶ୍ୱରଙ୍କ ମଣ୍ଡଳୀର ତତ୍ତ୍ୱ ନେବ ? ) । ସେ ନୂତନ ଶିଷ୍ୟ ହୋଇ ନ ଥିବା ଉଚିତ୍, କାରଣ କାଳେ ଅସାର ଗର୍ବୀ ହୋଇ ଶୟତାନ ସଦୃଶ ଦଣ୍ଡଗ୍ରସ୍ତ ହେବ ।(1ତିମଥି 3:2-6) ।

କାରଣ ଅଧ୍ୟକ୍ଷଙ୍କ  ଈଶ୍ୱରଙ୍କ ବେବର୍ତ୍ତା ସ୍ୱରୂପେ ନିର୍ଦ୍ଦୋଷ ହେବା ଆବଶ୍ୟକ, ସେ ସ୍ୱେଚ୍ଛାଚାରୀ, କି ଆଶୁ କ୍ରୋଧୀ,କି ମଦ୍ୟପାୟୀ,କି ବିବାଦପ୍ରିୟ କି କୁତ୍ସିତ ଧନଲାଭର ଅଭିଳାଷୀ ନ ହୋଇ ବରଂ ଆତିଥ୍ୟ, ଉତ୍ତମ

ବିଷୟର ଅନୁରାଗୀ,ସୁବୁଦ୍ଧି,ନ୍ୟାୟପରାୟଣ ସାଧୁ ଓ ମିତାଚାରୀ ହୁଅନ୍ତୁ ।ପୁଣି ,ସେ ଯେପରି ହିତଜନକ ଶିକ୍ଷା ଦେଇ ଉତ୍ସାହ ଦେବାକୁ ବିପକ୍ଷବାଦୀମାନଙ୍କୁ ଅନୁଯୋଗ କରିବାକୁ ସକ୍ଷମ ହୁଅନ୍ତି, ଏଥିନିମନ୍ତେ, ପ୍ରାପ୍ତ ଶିକ୍ଷା ଅନୁସାରେ ବିଶ୍ୱାସଯୋଗ୍ୟ ବାକ୍ୟକୁ ଦୃଢ଼ଭାବରେ ଧରନ୍ତୁ ।କାରଣ ଅନେକ ଅବାଧ ଲୋକ, ଅସାର ବାକ୍ୟବାଦୀ ଓ ପ୍ରବଞ୍ଚକ ଅଛନ୍ତି ବିଶେଷରେ ସୁନ୍ନତପ୍ରାପ୍ତ ଲୋକମାନଙ୍କ ମଧ୍ୟରେ ଅଛନ୍ତି ।ସେମାନଙ୍କ ମୁଖ ବନ୍ଦ କରିବା ଆବଶ୍ୟକ । ସେମାନେ କୁତ୍ସିତ ଧନଲାଭ ନିମନ୍ତେ ଅନୁପଯୁକ୍ତ ଶିକ୍ଷା ଦେଇ ଗୋଟିଏ ଗୋଟିଏ ପରିବାରକୁ ସଂପୂର୍ଣ୍ଣ ରୂପେ ପଥଭ୍ରଷ୍ଟ କରନ୍ତି । (ତୀତସ୍ 1:7-11) ।

## ମଣ୍ଡଳୀର ବିଶ୍ୱାସୀମାନଙ୍କର ସେବକମାନଙ୍କ ପ୍ରତି (ପାଳକମାନଙ୍କ ପ୍ରତି ) କର୍ତ୍ତବ୍ୟ

ପ୍ରଭୁଙ୍କଠାରେ ତୁମ୍ଭମାନଙ୍କ ନେତାମାନଙ୍କର ବାଧ୍ୟ ହୋଇ ସେମାନଙ୍କର ବଶିଭୂତ ହୁଅ,କାରଣ ଯେଉଁମାନଙ୍କୁ ନିକାଶ ଦେବାକୁ ହେବ, ସେମାନଙ୍କ ସଦୃଶ ସେମାନେ ତୁମ୍ଭମାନଙ୍କ ଆତ୍ମା ସମ୍ବନ୍ଧରେ ପ୍ରହରୀକର୍ମ କରନ୍ତି,ଯେପରି ସେମାନେ ତାହା ଦୁଃଖରେ ନ କରି ଆନନ୍ଦରେ କରି ପାରନ୍ତି, ଦୁଃଖରେ କଲେ, ତୁମ୍ଭମାନଙ୍କର କିଛି ଲାଭ ନାହିଁ ।(ଏବ୍ରୀ 13:17) । ଯେଉଁମାନେ ତୁମ୍ଭମାନଙ୍କୁ ଈଶ୍ୱରଙ୍କ କହନ୍ତି,ତୁମ୍ଭମାନଙ୍କ ଏପରି ନେତାମାନଙ୍କୁ ସ୍ମରଣ କର,ସେମାନଙ୍କର ଜୀବନ ଯାତ୍ରାର ଶେଷ ଗତି ପ୍ରତି ଦୃଷ୍ଟି ରଖି ସେମାନଙ୍କ ବିଶ୍ୱାସର ଏନୁକାରୀ ହୁଅ ।(ଏବ୍ରୀ 13:7) ।

ପୁଣି ସେମାନଙ୍କ  ପାଖରେ ଯାହା ଥାଏ, ତାହା ଭୋଜନ କରି ସେହି ଗୃହରେ ରୁହ,କାରଣ କାର୍ଯ୍ୟକାରୀ ଆପଣା ବେତନର ଯୋଗ୍ୟ । (ଲୂକ10:7) ।

ଯେଉଁମାନେ ମନ୍ଦିରର ସେବା କରନ୍ତି,ସେମାନେ ଯେ ମନ୍ଦିରରୁ ଖାଦ୍ୟ ପାଆନ୍ତି,ପୁଣି ଯେଉଁମାନେ ବେଦିର ସେବାରେ ନିବିଷ୍ଟ ରହନ୍ତି,ସେମାନେ ଯେ ବେଦି ସହିତ ଅଂଶୀ ହୁଅନ୍ତି, ଏହା କଣ ଜାଣ ନାହିଁ ? ସେହି ପ୍ରକାରେ ଯେଉଁମାନେ ସୁସମାଚାରର ପ୍ରଚାର କରନ୍ତି,ସେମାନେ ଯେ ସୁସମାଚାର ଦ୍ୱାରା ଜୀବିକା ନିର୍ବାହ କରିବେ, ଏହା ପ୍ରଭୁ ଆଦେଶ ଦେଇଅଛନ୍ତି ।(1କରନ୍ଥୀୟ 9:14) ।

କିନ୍ତୁ ଯେ ଈଶ୍ୱରଙ୍କ ବାକ୍ୟରେ ପ୍ରାପ୍ତ ହୁଏ, ସେ ଶିକ୍ଷାଦାତାଙ୍କୁ ସମସ୍ତ ଉତ୍ତମ ବିଷୟର ସହଭାଗୀ କରାଉ । (ଗାଲାତୀୟ 6:6) ।

ଯେଉଁ ପ୍ରାଚୀନମାନେ ଉତ୍ତମରୂପେ ତତ୍ତ୍ୱାବଧାନ କରନ୍ତି,ବିଶେଷତଃ ଯେଉଁମାନେ ବାକ୍ୟ ପ୍ରଚାର ଓ ଶିକ୍ଷାଦାନରେ ପରିଶ୍ରମ କରନ୍ତି,ସେମାନେ ଦୁଇ ଗୁଣ ସମାଦର ପାଇବାର ଯୋଗ୍ୟ ବୋଲି ଗଣିତ ହୁଅନ୍ତୁ ।

।କାରଣ ଶାସ୍ତ୍ର କହେ, ବେଗଁଳା ବୁଲୁଥିବା ବଳଦର ମୁଁହରେ ତୁଣ୍ଡି ଦିଅ ନାହିଁ ,ପୁଣି, କାର୍ଯ୍ୟକାରୀ ଆପଣା ବେତନର ଯୋଗ୍ୟ ।1ତିମଥି 5:17-18) ।

ହେ ଭାଇମାନେ,ଆମ୍ଭେମାନେ ତୁମ୍ଭମାନଙ୍କୁ ଅନୁରେଧ କରୁଅଛୁ, ଯେଉଁମାନେ ତୁମ୍ଭମାନଙ୍କ ମଧ୍ୟରେ ପରିଶ୍ରମ କରନ୍ତି,ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ନେତାସ୍ୱରୂପେ ନିଯୁକ୍ତ ହୋଇ ତୁମ୍ଭମାନଙ୍କୁ ଚେତନା ଦିଅନ୍ତି, ସେମାନଙ୍କୁ ମାନ୍ୟ କର,ପୁଣି ସେମାନଙ୍କ କାର୍ଯ୍ୟ ସକାଶେ ସେମାନଙ୍କୁ ପ୍ରେମରେ ଅତ୍ୟନ୍ତ ଆଦର କର । (1ଥେସଲନୀକୀୟ5:12-13) ।

## ଅଧିକାରୀମାନଙ୍କ ପ୍ରତି ଲୋକମାନଙ୍କ କର୍ତ୍ତବ୍ୟ

ପ୍ରତ୍ୟେକ ଜଣ ଅଧିକାର ପ୍ରାପ୍ତ ଶାସନକର୍ତ୍ତଙ୍କ ବଶୀଭୂତ ହେଉ,କାରଣ ଅଧିକାର କେବଳ ଈଶ୍ୱରଙ୍କଠାରୁ ଆସେ, ଆଉ ଯେସମସ୍ତ ଅଧିକାର ପ୍ରାପ୍ତ ଶାସନକର୍ତ୍ତା ଅଛନ୍ତି, ସେମାନେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ।

ଅତଏବ ଯେଅଧିକାରର ପ୍ରତିରୋଧ କରେ, ସେ ଈଶ୍ୱରଙ୍କ ବିଧାନର ପ୍ରତିରୋଧ କରେ,ପୁଣି ଯେଉଁମାନେ ପ୍ରତିରୋଧ କରନ୍ତି, ସେମାନେ ଆପଣା ଆପଣା ଉପରେ ଦଣ୍ଡ ଘଟାଇବେ । କାରଣ ଶାସନକର୍ତ୍ତାମାନେ ସଦାଚାରୀ ପ୍ରତି ଭୟଜନକ ନୁହନ୍ତି,କିନ୍ତୁ ଅସଦାଚାରୀ ପ୍ରତି ଭୟଜନକ ।ତୁମ୍ଭେ କି ଅଧିକାର ପ୍ରାପ୍ତ ଶାସନକର୍ତ୍ତା ନିକଟରେ ନିର୍ଭୟ ହେବାକୁ ଇଚ୍ଛା କରୁଅଛ ?ତେବେ ତଦାଚାର କର,ତାହାହେଲେ ତାହାଙ୍କଠାରୁ ପ୍ରଶଂସା ପାଇବ । କାରଣ ସେ ମଗଂଳ ନିମନ୍ତେ ତୁମ୍ଭମାନଙ୍କ ପାଇଁ ଈଶ୍ୱରଙ୍କ ସେବକ ।କିନ୍ତୁ .ଦି ଅସଦାଚାର କର,ତାହାହେଲେ ଭୀତ ହୁଅ,ଯେଣୁ ସେ ନିରର୍ଥକ କଡ଼୍ ଗ ଧାରଣ କରନ୍ତି ନାହିଁ,କାରଣ ସେ ଈଶ୍ୱରଙ୍କ ସେବକସ୍ୱରୂପେ ଅସଦାଚାରୀ ପ୍ରତି କ୍ରୋଧ ପ୍ରକାଶ କରିବା ନିମନ୍ତେ ଦଣ୍ଡଦାତା ଅଟନ୍ତି ।ଅତଏବ କେବଳ କ୍ରୋଧର ଭୟରେ ନିହେଁ, ମାତ୍ର ବିବେକ ହେତୁ ମଧ ବଶିଭୂତ ହେବା ଆବଶ୍ୟକ (ରୋ ମୀୟ 13:1-5 ) ।ପ୍ରଭୁଙ୍କ ସକାଶେ ସମସ୍ତ ମାନବୀୟ ବିଧାନର ବଶୀଭୁତ ହୁଅ,ସର୍ବପ୍ରଧାନ ରାଜା ହୁଅନ୍ତୁ,କିଅବା ଦୁଷ୍ କର୍ମକାରୀମାନଙ୍କୁ ପ୍ରତିଫଳ ଦେବା ନିମନ୍ତେ ଓ ସତ୍ କର୍ମକାରୀମାନଙ୍କୁ ପ୍ରଶଂସା କରିବା ନିମନ୍ତେ ତାହାଙ୍କୁ ଦ୍ୱାରା ପ୍ରେରିତ ଶାସକକର୍ତ୍ତା ହୁଅନ୍ତୁ,ସେମାନଙ୍କର ବଶିଭୂତ ହୁଅ । (1ପିତର 2:13-14) ।

## ସରକାର ପ୍ରତି ନାଗରିକମାନଙ୍କ କର୍ତ୍ତବ୍ୟ

ସେ ସେମାନଙ୍କୁ ପଚାରିଲେ,ଏହି ମୂର୍ତ୍ତି ଓ ନାମ କାହାର ?ସେମାନେ କହିଲେ,କାଇସରଙ୍କର,ସେଥିରେ ସେ,ସେମାନଙ୍କୁ କହିଲେ, ତେବେ କାଇସରଙ୍କର ଯାହା ତାହା କାଇସରଙ୍କୁ ଦିଅ,ପୁଣି ଈଶ୍ୱରଙ୍କର ଯାହା ତାହା

ଈଶ୍ୱରଙ୍କୁ ଦିଅ ।(ମାଥିଉ 22:20-21) । ଯେଣୁ ଏହି କାରଣରୁ ତୁମ୍ଭେମାନେ ରାଜସ୍ୱ ମଧ୍ୟ ଦେଇଥାଅ,କାରଣ ସେମାନେ ଈଶ୍ୱରଙ୍କ ସେବକସ୍ୱରୂପେ ଏହି କାର୍ଯ୍ୟରେ ପ୍ରବୃତ ରହନ୍ତି ।ଯାହାଙ୍କର ଯାହା ପ୍ରାପ୍ୟ,ତାହାଙ୍କୁ ତାହା ଦିଅ, ଯାହାଙ୍କୁ ରାଜସ୍ୟ ଦେବାକୁ ହୁଏ, ତାହାଙ୍କୁ ରାଜସ୍ୟ ଦିଅ,ଯାହାଙ୍କୁ ଶୁଳ୍କ ଦେବାକୁ ହୁଏ,ତାହାଙ୍କୁ ଶୁଳ୍କ ଦିଅ,ଯାହାଙ୍କୁ ଭୟ କରିବାକୁ ହୁଏ,ତାହାଙ୍କୁ ଭୟ କର ଓ ଯାହାଙ୍କୁ ସମାଦର କରିବାକୁ ହୁଏ,ତାହାଙ୍କୁ ସମାଦର କର ।(ରୋମୀୟ 13:6-7) । କର୍ତ୍ତୃପକ୍ଷ ଓ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ବଶିଭୂତ ଓ ବାଧ୍ୟ ହେବାକୁ ପୁଣି ସମସ୍ତ ପ୍ରକାର ସତ୍ କର୍ମ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ ,କାହାରି ନିନ୍ଦା ନ କରିବାକୁ କାହାର ବିରୋଧି ନ ହେବାକୁ,ମୃଦୁଶୀଳ ହେବାକୁ, ପୁଣି ସମସ୍ତ ଲୋକଙ୍କ ପ୍ରତି ସର୍ବପ୍ରକାରେ କୋମଳ ଭାବ ଦେଖାଇବାକୁ ସେମାନଙ୍କୁ ସ୍ମରଣ କର ।(ତୀତସ୍ 3:1-2)

**ସମସ୍ତମନୁଷ୍ୟଙ୍କ ପ୍ରତି ଖ୍ରୀଷ୍ଟବିଶ୍ୱାସୀ ତଥା ସେବକମାନଙ୍କ କର୍ତ୍ତବ୍ୟ**

ଆମ୍ଭେମାନେ ଯେପରି ସର୍ବତୋଭାବେ ଈଶ୍ୱର ପରାୟଣତା ଓ ଭଦ୍ରତା ସହ ଶାନ୍ତି ଓ ନିର୍ବିଘ୍ନତାରେ ଜୀବନ ଯାପନରିପାରୁ ଏଥିନିମନ୍ତେ ସର୍ବସାଧାରଣ ଲୋକଙ୍କ ପାଇଁ,ରାଜା ଓ ଶାସନକର୍ତ୍ତା ସମସ୍ତଙ୍କ ପାଇଁ,ନିବେଦନ, ପ୍ରାର୍ଥନା,ବିନତୀ ଓ ଧନ୍ୟବାଦ ଉତ୍ସର୍ଗ କରିବା ନିମନ୍ତେ ମୁଁ ସର୍ବପ୍ରଥମେ ଅନୁରୋଧ କରୁଅଛି ।ଏହା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ଓ ସୁଗ୍ରାହ୍ୟ ଅଟେ ।(1ତୀମଥି 2:1-3) ।

**ଆପଣା ଆପଣା ସ୍ତ୍ରୀମାନଙ୍କ ପ୍ରତି ସ୍ୱାମୀମାନଙ୍କ କର୍ତ୍ତବ୍ୟ**

ସେହି ପ୍ରକାରେ, ହେ ସ୍ୱାମୀମାନେ, ତୁମ୍ଭମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ,ସେଥିନିମନ୍ତେ ସ୍ତ୍ରୀମାନଙ୍କୁ ଅପେକ୍ଷକୃତ ଦୁର୍ବଳା ପାତ୍ରୀ ଓ ଆପଣାମାନଙ୍କ ସହିତ ଜୀବନରୂପ ଅନୁଗ୍ରହଦାନର ସହାଧିକାରିଣୀ ଜାଣି ସେମାନଙ୍କୁ ସମାଦର କର,ପୁଣି ଜ୍ଞାନରେ ସେମାନଙ୍କ ସହିତ ବାସ କର ।(1ପିତର 3:7) ।

ହେ ସ୍ୱାମୀମାନେ ଆପଣା ଆପଣା ଭର୍ଯ୍ୟାମାନଙ୍କୁ ପ୍ରେମ କର,ସେମାନଙ୍କ ପ୍ରତି କଟୁ ବ୍ୟବହାର କର ନାହିଁ ।(କଲସୀୟ 3:19) ।

ହେ ସ୍ୱାମୀମାନେ ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ,ତୁମ୍ଭେମାନେ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର,ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ,ଯେପରି ବାକ୍ୟ ଓ ଜଳପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି,ଯେପରି ମଣ୍ଡଳୀ ନିଷ୍କଳଙ୍କ,ନିଖୁନ୍ତ ଓ ସମସ୍ତ ପ୍ରକାର ଦୋଷରହିତ ହୋଇ ପବିତ୍ର ଓ ଅନିନ୍ଦନୀୟ ହୁଏ,ଆଉ ଏହିପରି ଗୌରବମୟ ଅବସ୍ଥାରେ ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରନ୍ତି ।

ସେହିପରି ସ୍ୱାମୀମାନଙ୍କର ମଧ୍ୟ ଆପଣା ଆପଣା ସ୍ତ୍ରୀମାନଙ୍କୁ ନିଜ ନିଜ ଶରୀର ସଦୃଶ ପ୍ରେମ କରିବା ଉଚିତ୍,ଯେ ନିଜ ସ୍ତ୍ରୀକୁ ପ୍ରେମ କରେ,ସେ ଆପଣାକୁ ପ୍ରେମ କରେ,କେହି ତ ଆପଣା ଶରୀରକୁ କେବେ ଘୃଣା କରେ ନାହିଁ,ମାତ୍ର ତାହା ଭରଣପୋଷଣ ଓ ଲାଳନପାଳନ କରେ, ଖ୍ରୀଷ୍ଟ ମଧ୍ୟ ମଣ୍ଡଳୀ ପ୍ରତି ସେହିପରି କରନ୍ତି ।(ଏଫିସୀୟ 5:25-29) ।

## ଆପଣା ଆପଣା ସ୍ୱାମୀମାନଙ୍କ ପ୍ରତି ସ୍ତ୍ରୀମାନଙ୍କ କର୍ତ୍ତବ୍ୟ

ହେ ସ୍ତ୍ରୀମାନେ ତୁମ୍ଭେମାନେ ଯେପରି ପ୍ରଭୁଙ୍କ ବଶିଭୂତା,ସେହିପରି ଆପଣା ଆପଣା ସ୍ୱାମୀମାନଙ୍କର ବଶିଭୂତା ହୁଅ ।(ଏଫିସୀୟ 5:22) ।

ସେହିପରି ହେ ସ୍ତ୍ରୀମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀମାନଙ୍କର ବଶିଭୂତା ହୁଅ,ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କ ସଭୟ ସଦାଚରଣ ଦେଖି ବାକ୍ୟ ବିନା ଆପଣା ଆପଣା ସ୍ତ୍ରୀମାନଙ୍କ ଆଚରଣ ଦ୍ୱାରା ପରିବର୍ତ୍ତିତ ହେବେ ।ପୁଣି କେଶବେଶ,ସୁବର୍ଣ୍ଣ ଆଭରଣ ଓ ସୁନ୍ଦର ବସ୍ତ୍ର ପରିଧାନ ,ଏପରି ଯେଉଁ ବାହ୍ୟ ଭୂଷଣ,ତାହା ତୁମ୍ଭମାନଙ୍କ ଭୂଷଣ ନ ହେଉ ।ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ,ତାହା ହିଁ ତୁମ୍ଭମାନଙ୍କ ଅକ୍ଷୟ ଭୁଷଣ ହେଉ ।କାରଣ ପୂର୍ବ କାଳର ସ୍ୱାଧୀ ସ୍ତ୍ରୀମାନେ ମଧ୍ୟ ଈଶ୍ୱରଙ୍କଠାରେ ଭରସା ରଖି ଆପଣା ଆପଣା ସ୍ୱାମୀମାନଙ୍କରଙ୍କର ବଶୀବୂତା ହୋଇ ଏହି ପ୍ରକାରେ ଆପଣା ଆପଣାକୁ ଭୂଷିତା କରୁଥିଲେ ।ସେହିପରି ସାରା ଅବ୍ରାହାମକୁ ପ୍ରଭୁ ବୋଲି କହି ତାହାଙ୍କର ଆଜ୍ଞାବହ ହେଲେ,ତୁମ୍ଭମାନେ ଯଦି କୌଣସି ଭୟରେ ଭୟଭୀତ ନ ହୋଇ ସଦାଚରଣ କର,ତେବେ ତୁମ୍ଭେମାନେ ହିଁ ତାହାଙ୍କର ସନ୍ତତି ।(1ପିତର 3:1-6) ।

ହେ ଭାର୍ଯ୍ୟାମାନେ,ପ୍ରଭୁଙ୍କ ସହଭାଗିତାର ଉପଯୁକ୍ତ ଆଚରଣ ଅନୁସାରେ ଆପଣା ଆପଣା ସ୍ୱାମୀମାନଙ୍କର ବଶୀଭୂତା ହୁଅ" ।(କଲସୀୟ 3:18) ।"ସ୍ତ୍ରୀ ପୂର୍ଣ୍ଣ ବଶ୍ୟତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ, ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବାକୁ ଅନୁମତି ଦେଉ ନାହିଁ,ମାତ୍ର ସେ ମୌନ ରହୁ ।(1ତୀମଥି 2:11-12) ।

## ପିତାମାତାଙ୍କର ଆପଣା ଆପଣା ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ

ପୁଣି,ହେ ପିତାମାନେ,ଆପଣା ଆପଣା ପିଲାମାନଙ୍କୁ ବିରକ୍ତ କର ନାହିଁ,ମାତ୍ର ସେମାନଙ୍କୁ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର ।(ଏଫିସୀୟ 6:4) ।

ହେ ପିତାମାନେ, ଆପଣା ଆପଣା ସନ୍ତାନମାନଙ୍କୁ ବିରକ୍ତ କର ନାହିଁ,ଯେପରି ସେମାନେ ନିରୁତ୍ସାହ ନ ହୁଅନ୍ତି ।

(କଲସୀୟ 3:21) ।

## ପିଲାମାନଙ୍କର ଆପଣା ଆପଣା ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ

ହେ ପିଲାମାନେ, ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ ।କାରଣ ତାହା ଯଥାର୍ଥ,'ଆପଣା ଆପଣା ପିତାମାତାଙ୍କୁ ସମାଦର କର', ( ଏହା ପ୍ରତିଜ୍ଞାଯୁକ୍ତ ଗୋଟିଏ ପ୍ରଧାନ ଆଜ୍ଞା),ଯେପରି ତୁମ୍ଭର ମଂଗଳ ହେବ ଆଉ ତୁମ୍ଭେ ପୃଥିବୀରେ ଦିର୍ଘାୟୁ ହେବ ।( ଏଫିସୀୟ 6:1-3) ।

ହେ ପିଲାମାନେ,ସମସ୍ତ ବିଷୟରେ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ,କାରଣ ଏହା ପ୍ରଭୁଙ୍କ ସହଭାଗିତାରେ ସନ୍ତୋଷଜନକ ବ୍ୟବହାର । (କଲସୀୟ 3:20) ।

## ଦାସମାନଙ୍କର ଆପଣା ଆପଣା କର୍ତ୍ତାମାନଙ୍କ ପ୍ରତି କର୍ତ୍ତବ୍ୟ

ହେ ଦାସମାନେ,ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ଆଜ୍ଞବହ ଅଟ,ସେହିପରି ଭୟ ଓ କମ୍ପ ସହ ହୃଦୟର ସରଳତାରେ ତୁମ୍ଭମାନଙ୍କ ଜାଗତିକ କର୍ତ୍ତାମାନଙ୍କର ଆଜ୍ଞାବହ ହୁଅ, ମନିଷ୍ୟକୁ ସନ୍ତୁଷ୍ଟ କଲା ପରି ଦୃଷ୍ଟି ଆଗରେ ତାହା କର ନାହିଁ,କିନ୍ତୁ ଖ୍ରୀଷ୍ଟଙ୍କ ଦାସ ପରି ଅନ୍ତର ସହ ଈଶ୍ୱରଙ୍କ ଇଛା ସାଧନ କର ।ସ୍ୱାଧୀନ କି ପରାଧିନ ଯେକେହି କୌଣସି ସତ୍ କର୍ମ କରେ, ସେ ପ୍ରଭୁଙ୍କଠାରୁ ସେଥିର ପୁରସ୍କାର ପାଇବ,ଏହା ଜାଣି ମନିଷ୍ୟର ସେବା କଲା ପରି ନୁହେଁ,ମାତ୍ର ପ୍ରଭୁଙ୍କର ସେବା କଲା ପରି ସ୍ୱଛନ୍ଦରେ ସେବା କର । ( ଏଫିସୀୟ 6:5-8) । ହେ ଦାସମାନେ ମନୁଷ୍ୟକୁ ସନ୍ତୁଷ୍ଟ କଲା ପରି ତାହାର ଦୃଷ୍ଟି ଆଗରେ କର୍ମ ନ କରି ବରଂ ପ୍ରଭୁଙ୍କୁ ଭୟ କରି ହୃଦୟର ସରଳତାରେ ସବୁ ବିଷୟରେ ତୁମ୍ଭମାନଙ୍କ ଜାଗତିକ କର୍ତ୍ତାମାନଙ୍କ ଆଜ୍ଞାବହ ହୁଅ । ତୁମ୍ଭମାନେ ଯାହା କିଛି କର,ପ୍ରଭୁଙ୍କ ନିମନ୍ତେ କଲା ପରି ଅନ୍ତର ସହ ତାହା କର,ମନୁଷ୍ୟମାନଙ୍କ ନିମନ୍ତେ କଲା ପରି କର ନାହିଁ,ପ୍ରଭୁଙ୍କଠାରୁ ଉତ୍ତରାଧିକାରରୂପ ପୁରସ୍କାର ଯେ ପାଇବ, ଏହା ତ ତୁମ୍ଭେମାନେ ଜାଣ ।ତୁମ୍ଭେମାନେ ପ୍ରଭୁ ଯୀଶୁଙ୍କ ସେବା କର ।କାରଣ ଯେ ଅନ୍ୟାୟ କରେ, ସେ ଆପଣା ଅନ୍ୟାୟର ପ୍ରତିଫଳ ଯେ ପାଇବ, ସେ ବିଷୟରେ କୌଣସି ମୁଖାପେକ୍ଷା ନାହିଁ ।( କଲସୀୟ 3:22-25) ।

## କର୍ତ୍ତାମାନଙ୍କର ଆପଣା ଆପଣା ଦାସମାନଙ୍କ ପ୍ରତି କର୍ତ୍ତବ୍ୟ

ଆଉ ହେ କର୍ତ୍ତାମାନେ,ସେପରି ଭାବେ ତୁମ୍ଭେମାନେ ମଧ୍ୟ ଆପଣା ଆପଣା ଦାସମାନଙ୍କ ପ୍ରତି କୋମଳ ବ୍ୟବହାର କର । ତର୍ଜ୍ଜନଗର୍ଜ୍ଜନ କରିବାରୁ ନିବୃତ ହୁଅ,ସେମାନଙ୍କ ଓ ତୁମ୍ଭମାନଙ୍କ, ଉଭୟଙ୍କର ପ୍ରଭୁ ଯେ ସ୍ୱର୍ଗରେ ଅଛନ୍ତି, ପୁଣି ତାହାଙ୍କ ପାଖରେ କୌଣସି ମୁଖାପେକ୍ଷା ନାହିଁ, ଏହା ଜାଣ ।(ଏଫିସୀୟ 6:9) । "ତୁମ୍ଭେ ତାହା ଉପରେ ଦଠିନ କର୍ତ୍ତୃତ୍ୱ କରିବ ନାହିଁ,ମାତ୍ର ଆପଣା ପରମେଶ୍ୱରଙ୍କୁ ଭୟ କରିବ । (ଲେବୀପୁସ୍ତକ 25:42) ।

## ଯୁବକମାନଙ୍କ ପ୍ରାଚୀନମାନଙ୍କ ପ୍ରତି ଏବଂ ପରମେଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ

ସେହିପରି ହେ ଯୁବକମାନେ,ତୁମ୍ଭେମାନେ ପ୍ରାଚୀନମାନଙ୍କର ବଶିଭୂତ ହୁଅ ।ସମସ୍ତେ ପରସ୍ପର ପ୍ରତି ନମ୍ରତାରୂପ ବସ୍ତ୍ର ପରିଧାନ କର,କାରଣ ପରମେଶ୍ୱର ଅହଂକାରୀମାନଙ୍କ ପ୍ରତିରାଧ କରନ୍ତି ଓ ନମ୍ର ଲୋକଙ୍କୁ ଅନୁଗ୍ରହ କରନ୍ତି ।ଅତଏବ ପରମେଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣାକୁ ନତ କର, ଯେପରି ସେ ତୁମ୍ଭକୁ ଯଥାସମୟରେ ଉନ୍ନତ କରିବେ । (1ପିତର 5:5-6 ) । ତୁମ୍ଭର ଯୌବନାବସ୍ଥା ସକାଶେ କେହି ତୁମ୍ଭକୁ ତୁଚ୍ଛ ନ କରୁ,କିନ୍ତୁ ବାକ୍ୟରେ, ଆଚରଣରେ,ପ୍ରେମରେ, ବିଶ୍ୱାସରେ ଓ ପବିତ୍ରତାରେ ବିଶ୍ୱାସୀମାନଙ୍କ ଆଦର୍ଶ ସ୍ୱରୁପ ହୁଅ ।(1ତୀମଥି 4:12) ।

## ବିଧବାମାନଙ୍କ ପ୍ରତି ମଣ୍ଡଳୀର ଓ ବିଶ୍ୱାସୀମାନଙ୍କର କର୍ତ୍ତବ୍ୟ

ନିରାଶ୍ରୟ ବିଧବାମାନଙ୍କୁ ସମାଦର କର ।କିନ୍ତୁ ଯଦି କୌଣସି ବିଧବାର ପୁତ୍ରକନ୍ୟା ବା ପୌତ୍ରପୌତ୍ରୀ ଥାନ୍ତି,ତେବେ ସେମାନେ ଆପଣା ପରିବାରର ପ୍ରତି ଭକ୍ତି ଦେଖେଇବାକୁ ଓ ପିତାମାତାଙ୍କ ପ୍ରତି ପ୍ରତ୍ୟୁପକାର କରିବାକୁ ଶିକ୍ଷା କରନ୍ତୁ, କାରଣ ଏହା ତ ଈଶ୍ୱରଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ଅଟେ ।ଯେଉଁ ବିଧବା ନିରାଶ୍ରୟ ଓ ଅସହାୟ ସେ ଈଶ୍ୱରଙ୍କ ଉପରେ ଭରସା ରଖି ଦିବାରାତ୍ର ନିବେଦନ ଓ ପ୍ରାର୍ଥନାରେ ପ୍ରବୃତ ଥାଏ ।କିନ୍ତୁ ଯେ ଭୋଗାଭିଳାଷରେ ଆସକ୍ତ, ସେ ଜୀବିତ ଥିଲେହେଁ ମୃତ, ସେମାନେ ଯେପରି ଅନିନ୍ଦନୀୟ ହୁଅନ୍ତି ଏଥିପାଇଁ ଏହିସମସ୍ତ ମଧ୍ୟ ସେମାନଙ୍କୁ ଆଜ୍ଞା ଦିଅ ।କିନ୍ତୁ ଯଦି କେହି ଆପଣା ଆତ୍ମୀୟ ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ,ତେବେ ସେ ବିଶ୍ୱାସମତ ଅସ୍ୱୀକାର କରିଅଛି,ଆଉ ସେ ଅବିଶ୍ୱାସୀ ଠାରୁ ଅଧମ ଅଟେ ।ଯେଉଁ ବିଧବାର ବୟସ ଷାଠିଏ ବର୍ଷରୁ ଊଣା ନୁହେଁ,ଆଉ ଯେ ଏକ ସ୍ୱାମୀର ସ୍ତ୍ରୀ ଓ ସତ୍ କର୍ମ ହେତୁ ସୁଖ୍ୟାତିପ୍ରାପ୍ତ ଅର୍ଥାତ୍ ସେ ଯଦି ସନ୍ତାନମାନଙ୍କୁ ପ୍ରତିପାଳନ, ଆତିଥ୍ୟସତ୍କାର,ସାଧୁମାନଙ୍କ ପାଦପ୍ରକ୍ଷାଳନ,ଦୁଃଖିର

ଦୁଃଖମୋଚନ କରିଥାଏ,ପୁଣି ସମସ୍ତ ସତ୍ କର୍ମରେ ଉଦ୍ ଯୋଗୀ ହୋଇଥାଏ,ତେବେ ତାହାର ନାମ ବିଧବା ତାଲିକାରେ ଲେଖାଯାଉ ।କିନ୍ତୁ ଯୁବତୀ ବିଧବାମାନଙ୍କୁ ଅଗ୍ରାହ୍ୟ କର,କାଣ ସେମାନେ କାମାଭିଳାଷରେ ଆସକ୍ତ ହୋଇ ଖ୍ରୀଷ୍ଟଙ୍କଠାରୁ ବିମୁଖ ହେଲେ ବିବାହ କରିବାକୁ ଇଛା କରନ୍ତି ।ଆହୁରି ମଧ୍ୟ ସେମାନେ ଘର ଘର ବୁଲି ଆଳସ୍ୟପ୍ରିୟ ହେବାକୁ ଶିଖନ୍ତି,ଆଉ କେବଳ ଆଳସ୍ୟପ୍ରିୟ ନୁହେଁ,ମାତ୍ର ଅସାର ଗଳ୍ପ ଓପରଚର୍ଚ୍ଚା କରି ଅନୁଚିତ କଥାବାର୍ତ୍ତା କରନ୍ତି ।ଅତଏବ ମୋହର ଇଛା ଯୁବତୀ ବିଧବାମାନେ ବିବାହ କରନ୍ତୁ,ସନ୍ତାନ ପ୍ରସବ କରନ୍ତୁ,ଗୃହକାର୍ଯ୍ୟ ପରିଚାଳନା କରନ୍ତୁ,ନିନ୍ଦା କରିବା ନିମନ୍ତେ ଶତ୍ରୁକୁ କୌଣସି ସୁଯୋଗ ନ ଦିଅନ୍ତୁ । କାରଣ ବର୍ତ୍ତମାନ ମଧ୍ୟ କେହି କେହି ଶୟତାନର ପଶ୍ଚାତ୍ ବର୍ତ୍ତୀ ହୋଇ ବିପଥଗାମୀ ହୋଇଛନ୍ତି ।ଯଦି କୌଣସି ବିଶ୍ୱାସିନୀ ମହିଳାଙ୍କ ଗୃହରେ ବିଧବାମାନେ ଥାଆନ୍ତି,ତେବେ ସେ ସେମାନଙ୍କ ଦୁଃଖମୋଚନ କରନ୍ତୁ,ଆଉ ମଣ୍ଡଳୀ ଭାରଗ୍ରସ୍ତ ନ ହେଉ,ଯେପରି ମଣ୍ଡଳୀ ନିରାଶ୍ରୟ ବିଧବାମାନଙ୍କର ଦୁଃଖମୋଚନ କରିପାରେ । (1ତୀମଥି 5:3-16) ।

## ସର୍ବସାଧାରଣ ଲୋକମାନଙ୍କ ପ୍ରତି ଖ୍ରୀଷ୍ଟବିଶ୍ୱାସୀମାନଙ୍କ କର୍ତ୍ତବ୍ୟ

ଆମ୍ଭେମାନେ ଯେପରି ସର୍ବତୋଭାବେ ଈଶ୍ୱରପରାୟଣତା ଓ ଭଦ୍ରତା ସହ ଶାନ୍ତି ଓ ନିର୍ବିଘ୍ନତାରେ ଜୀବନ ଯାପନ କରିପାରୁ, ଏଥିନିମନ୍ତେ ସର୍ବସାଧାକଣ ଲୋକଙ୍କ ନିମନ୍ତେ ରାଜା ଓ ଶାସନକର୍ତ୍ତା ସମସ୍ତଙ୍କ ନିମନ୍ତେ ନିବେଦନ,ବିନତୀ ଓ ଧନ୍ୟବାଦ ଉତ୍ସର୍ଗ କରିବା ପାଇଁ  ମୁଁ ସର୍ବପ୍ରଥମେ ଅନୁରୋଧ କରୁଅଛି ।( 1ତୀମଥି 2:1-2) ।

ପରସ୍ପର ପ୍ରେମ କରିବା ବିନା ଆଉ କାହିଁରେ କାହାରିଠାରେ ଊଣି ହୁଅ ନାହିଁ, କାରଣ ଯେ ପରକୁ ପ୍ରେମ କରିଅଛି ସେ ବ୍ୟବସ୍ଥା ସଫଳ କରିଅଛି । କାରଣ ବ୍ୟଭିଚାର କର ନାହିଁ, ନରହତ୍ୟା କର ନାହିଁ,ଚୋରିକର ନାହିଁ, ଲୋଭ କର ନୀହିଁ ପୁଣି ଯଦି ଆଉ କୌଣସି ଆଜ୍ଞା ଥାଏ,ତାହା ସାରଭାବେ ବାକ୍ୟର ଅନ୍ତର୍ଗତ ଅଟେ,ଯଥା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର । ପ୍ରେମ ପ୍ରତିବାସୀର ଅନିଷ୍ଟ କରେ ନାହିଁ, ମାତ୍ର ପ୍ରେମ ବ୍ୟବସ୍ଥା ସଫଳ କରେ ।( ରୋମୀୟ 13:8-10) ।

## ବିଶ୍ୱାସରେ ଦୃଢ଼ କରିବା(CONFIRMATION)

ମୁଁ  ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି,ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର,ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଂଗେ ସଂଗେ ଅଛି” ।( ମାଥିଉ 28:20 )। ପ୍ରଶ୍ନ:- ବିଶ୍ୱାସରେ ଦୃଢ଼ କରିବାର ଅର୍ଥ କ'ଣ ?

ଉତ୍ତର:-ବିଶ୍ୱାସରେ ଦୃଢ଼ କରିବା, ଏହା ଖ୍ରୀଷ୍ଟୀୟମଣ୍ଡଳୀ ଦ୍ୱାରା କରା କରାଉଥିବା ଏକ ପବିତ୍ର କାର୍ଯ୍ୟ ଅଟେ । ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ଅନୁସାରେ ବାପ୍ତିସ୍ମ ଦ୍ୱାରା ତାହାଙ୍କୁ ଆପଣା ବ୍ୟକ୍ତିଗତ ତ୍ରାଣକର୍ତ୍ତାରୂପେ ଗ୍ରହଣ କରୁଥିବା ନୂତନ ବିଶ୍ୱାସୀ ମାନଙ୍କୁ ଶିକ୍ଷାଦାନ ଦ୍ୱାରା  ଓ ଉପଦେଶ ଦ୍ୱାରା ସେମାନଙ୍କୁ ବିଶ୍ୱାସରେ ଦୃଢ଼ କରିବା ମଣ୍ଡଳୀର କାର୍ଯ୍ୟ ଅଟେ ।ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ପାଳକ ସେମାନଙ୍କୁ ବାକ୍ୟ ଅନୁସାରେ ଜୀବନ କାଟିବା ନିମନ୍ତେ ଉତ୍ସାହ ପ୍ରଦାନ କରିବା ଉଚିତ୍ । ସେମାନେ  ଆପଣା ବିପ୍ତିସ୍ମ ନେବା ସମୟରେ ଦେଇଥିବା ଆଜ୍ଞାବହ ସ୍ୱୀକାର ବାକ୍ୟ,”ମୁଁ ଆଜିଠାରୁ ପ୍ରଭୁ ଯୀଶୁଙ୍କୁ ଆପଣା ଜୀବନର ମୁକ୍ତିଦାତାଙ୍କରୂପରେ ଗ୍ରହଣ କରଅଛି ଓ ମୁଁ ଆଜ୍ଞାବହ ହୋଇ, ତାହାଙ୍କ ବାକ୍ୟ ଅନୁସାରେ ଜୀବନ ଯାପନ କରିବାକୁ ସାକ୍ଷ୍ୟ ସ୍ୱୀକାର କରୁଅଛି,  ଏହି ବାକ୍ୟକୁ ମଣ୍ଡଳୀରେ ପାଳି ପାଳି କରି ଚାରି ପାଳି ବା ଥର ଥର କରି ଚାରି ଥର କହି ଆପଣା ଆପଣା ଦୃଢ଼ ବିଶ୍ୱାସର ସାକ୍ଷ୍ୟ ଦିଅନ୍ତୁ ।ତାପରେ ବିଶ୍ୱାସରେ ଦୃଢ଼ କରାଯିବା ନିମନ୍ତେ ମୋନନୀତ ପ୍ରାର୍ଥନା ଦିନରେ ପାଳନ ସେମାନଙ୍କ ନିମନ୍ତେ ପ୍ରାର୍ଥନା କଲା ପରେ ସେମାନଙ୍କୁ ମଣ୍ଡଳୀର ସଂପୂର୍ଣ୍ଣ ଅଧିକାରପ୍ରାପ୍ତ ବିଶ୍ୱାସୀଙ୍କରୂପରେ ପ୍ରଭୁଭୋଜରେ ପୁଣି ଅନ୍ୟ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିବା ନିମନ୍ତେ ଅଧିକାର ପ୍ରଦାନ କରନ୍ତୁ ।

ବିଶ୍ୱାସରେ ଦୃଢ଼ କରିବା ଦିନରେ ପାଳକ କ'ଣ କହି ପ୍ରାର୍ଥନା କରନ୍ତି ?

ବିଶ୍ୱାସରେ ଦୃଢ଼ କରାଯିବା ଦିନରେ ମଣ୍ଡଳୀର ପାଳକ ସେମାନଙ୍କ ନିମନ୍ତେ ,ଯେଉଁମାନେ ପ୍ରସ୍ତୁତ ଅଛନ୍ତି.ସେମାନେ ଅନୁଗ୍ରହରେ ଓ ବିଶ୍ୱାସରେ ବଢ଼ିବା ନିମନ୍ତେ ଓ ପ୍ରଭୁଙ୍କ ମଣ୍ଡଳୀରେ ବିଶ୍ୱସ୍ତ ଓ ପ୍ରଭୁଙ୍କ ଆଜ୍ଞାବହ ହୋଇ ପବିତ୍ର ଜୀବନ ଯାପନ କରିବା ନିମନ୍ତେଏବଂ ଶେଷରେ ଅନନ୍ତ ଜୀବନର ଅଧିକାରୀ ହୋଇ ଜୀବନର ନିତ୍ୟ ମୁକୁଟ ପାଇବା ନିମନ୍ତେ ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।ପାଳକ କହନ୍ତୁ,.......ତୁମ୍ଭେ ମରଣ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ । ( ପ୍ରକାଶିତ ବାକ୍ୟ 2:10) ।

ଆମ୍ଭେ ଶିଘ୍ର ଆସୁଅଛୁ, ତୁମ୍ଭର ମୁକୁଟକୁ ଯେପରି କେହ ହରଣ କରି ନ ନିଏ,ଏଥିନିମନ୍ତେ ତୁମ୍ଭର ଯାହା ଅଛି ତାହା ଧରି ରଖ ।( ପ୍ରକାଶିତ ବାକ୍ୟ 3:11) ।

## ପବିତ୍ର ବାଇବଲ, ପରମେଶ୍ୱରଙ୍କ ଜୀବନ୍ତ ବାକ୍ୟ (THE HOLY BIBLE,THE LIVING WORD OF GOD)

1.ପ୍ରଶ୍ନ :-ପବିତ୍ର ବାଇବଲର ଅର୍ଥ କ'ଣ ?

ଉତ୍ତର:-ପବିତ୍ର ବାଇବଲର ଅର୍ଥ ପବିତ୍ର ପରମେଶ୍ୱରଙ୍କ ବାକ୍ୟ ।

2.ପବିତ୍ର ବାଇବଲର ଲେଖକ କିଏ ?

ଉତ୍ତର:-ସଦାପ୍ରଭୁ ପରମେଶ୍ୱରଙ୍କ ପବିତ୍ର ଲୋକମାନେ ପବିତ୍ର ବାଇବଲ ପବିତ୍ର ଆତ୍ମାର ପ୍ରେରଣାରେ ଲେଖିଥିଲେ ।ପୁରାତନ ନିୟମର ପୁସ୍ତକ ଗୁଡ଼ିକୁ ମୋଶା ଓ ଭବିଷ୍ୟତ୍ ବକ୍ତାମାନେ ପୁଣି ନୂତନ ନିୟମର ପୁସ୍ତକ ଗୁଡ଼ିକୁ ପ୍ରେରିତ ଓ ସୁସମାଚାର ପ୍ରଚାରକ ଏବଂ ଅନ୍ୟ ପବିତ୍ର ପରମେଶ୍ୱରଙ୍କ ପବିତ୍ର ଲୋକମାନେ ଲେଖିଥିଲେ।

ସମସ୍ତ ପବିତ୍ର ଶାସ୍ତ୍ର (ପବିତ୍ର ବାଇବଲ) ଈଶ୍ୱରନିଶ୍ୱସିତ ...... । (2ତୀମଥି 3:16 ) ।

ପ୍ରଥମେ ଏହା ଜ୍ଞାତ ହୁଅ ଯେ,ପବିତ୍ର ଶାସ୍ତ୍ରର(ପବିତ୍ର ବାଇବଲର) କୌଣସି ଭାବବାଣୀ ସ୍ୱତନ୍ତ୍ରଭାବରେ ବ୍ୟାଖ୍ୟା କରିବାର ବିଷୟ ନୁହେଁ, କାରଣ କୌଣସି ଭାବବାଣୀ କେବେହେଁ, ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇ ନାହିଁ,ମାତ୍ର ପରମେଶ୍ୱରପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ । (2ପିତର 1:20-21) ।

3.ପବିତ୍ର ବାଇବଲ କେତୋଟି ଭାଗରେ ବିଭକ୍ତ ? ଓ ସେ ଗୁଡ଼ିକ କ'ଣ ?

ଉତ୍ତର:-ପବିତ୍ର ବାଇବଲ ଦୁଇ ଦୁଇଟି ଭାଗରେ ବିଭକ୍ତ, ଯଥା:-a.ପୂରାତନ ନିୟମ ଓ b.ନୂତନ ନିୟମ ।

4. ସର୍ବପ୍ରଥମେ ପବିତ୍ର ବାଇବଲ କେଉଁ ଭାଷାରେ ଲେଖା ଯାଇଥିଲା ?

ଉତ୍ତର:- ସର୍ବପ୍ରଥମେ ପବିତ୍ର ବାଇବଲର ପୂରାତନ ନିୟମ ହିବ୍ରୁ ଭାଷାରେ ଓ ନୂତନ ନିୟମ ଗ୍ରୀକ୍ ଭାଷାରେ ଲେଖା ଯାଇଥିଲା ।

5.ପୂରାତନ ନିୟମରେ ବିଭାଗରେ ମୋଟରେ କେତୋଟି ପୁସ୍ତକ ଅନ୍ତର୍ଭୁକ୍ତ ?

ଉତ୍ତର:-ପୂରାତନ ନିୟମ ବିଭାଗରେ ମୋଟରେ ୩୨ଟି ପୁସ୍ତକ ଅନ୍ତର୍ଭୁକ୍ତ ?

6.ନୂତନ ନିୟମ ବିଭାଗରେ ମୋଟରେ କେତୋଟି ପୁସ୍ତକ ଅନ୍ତର୍ଭୁକ୍ତ ?

ଉତ୍ତର:-ନୂତନ ନିୟମରେ ମୋଟରେ 27ଟି ପୁସ୍ତକ ଅନ୍ତର୍ଭୁକ୍ତ ।

7.ପୂରାତନ ନିୟମର କେତୋଟି ପୁସ୍ତକ ଇତିହାସ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର:-ପୂରାତନ ନିୟମର 17ଟି ପୁସ୍ତକ ଇତିହାସ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

8. ଇତିହାସ  ପୁସ୍ତକ ବିଭାଗର  କେତୋଟି ପୁସ୍ତକ ମୋଶାଙ୍କ  ଦ୍ୱାରା ଲିଖିତ ?

ଉତ୍ତର:-ଇତିହାସ ପୁସ୍ତକ ବିଭାଗର 5ଟି ପୁସ୍ତକ ମୋଶାଙ୍କ ଦ୍ୱାରା ଲିଖିତ ।ଯଥା-1.ଆଦିପୁସ୍ତକ 2. ଯାତ୍ରାପୁସ୍ତକ 3. ଲେବୀୟପୁସ୍ତକ 4.ଗଣନାପୁସ୍ତକ 5. ଦ୍ୱିତୀୟ ବିବରଣ ।

9. ଅନ୍ୟ କେତୋଟି ପୁସ୍ତକ ଇତିହାସ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-ଅନ୍ୟ 12ଟି ପୁସ୍ତକ ଇତିହାସ ବିଭାଗର ଅନ୍ତର୍ଭୁକ୍ତ, ଯଥା -6.ଯିହୋଶୂୟ 7.ବିଚାରକର୍ତ୍ତାମାନଙ୍କ ବିବରଣ 8.ରୂତର ବିବରଣ 9.ପ୍ରଥମ ଶାମୁୟେଲ 10. ଦ୍ୱିତୀୟ ଶାମୁୟେଲ 11. ପ୍ରଥମ ରାଜାବଳୀ 12.ଦ୍ୱିତୀୟ ରାଜାବଳୀ 13. ପ୍ରଥମ ବଂଶାବଳୀ 14.ଦ୍ୱିତୀୟ ବଂଶାବଳୀ 15.ଏଜ୍ରା 16. ନିହିମିୟା  ଓ 17. ଏଷ୍ଟର ବିବରଣ ।

10. କେତୋଟି ପୁସ୍ତକ କବିତା ଓ ଉପଦେଶ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-5ଟି ପୁସ୍ତକ କବିତା ଓ ଉପଦେଶ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ,ଯଥା-18.ଆୟୁବପୁସ୍ତକ 19.ଗୀତସଂହିତା 20.ହିତୋପଦେଶ 21.ଉପଦେଶକ ଓ 22.ପରମ ଗୀତ ।

11.କେତୋଟି ପୁସ୍ତକ ଭବିଷ୍ୟଦ୍ ବକ୍ତା  ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-ମୋଟରେ 17ଟି ପୁସ୍ତକ ଭବିଷ୍ୟଦ୍ ବକ୍ତା ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ।

12. କେତୋଟି ପୁସ୍ତକ ବୃହତ୍ତମ ଭବିଷ୍ୟଦ୍ ବକ୍ତାଙ୍କ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-5ଟି ପୁସ୍ତକ ବୃହତ୍ତମ ଭବିଷ୍ୟଦ୍ ବକ୍ତା ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ, ଯଥା-23.ଯିଶାଇୟ 24.ଯିରିମିୟ 25. ଯିରିମିୟଙ୍କ ବିଳାପ 26. ଯିହିଜିକଲ 27. ଦାନିୟେଲ ।

**13.** କେତୋଟି ପୁସ୍ତକ କ୍ଷୁଦ୍ରତ୍ତମ ଭବିଷ୍ୟଦ୍ ବକ୍ତା ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-12ଟି ପୁସ୍ତକ ପୁସ୍ତକ କ୍ଷୁଦ୍ରତ୍ତମ ଭବିଷ୍ୟଦ୍ ବକ୍ତା ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ,ଯଥା-28.ହୋଶେୟ 29.ଯୋୟେଲ 30.ଆମୋଷ 31. ଓବଦିୟ 32.ଯୂନସ 33.ମୀଖା 34.ନାହୁମ 35.ହବକ୍ କୁକ୍ 36. ସିଫନିୟ 37.ହାଗୟ 38.ଯିଖରିୟ 39. ଓ ମଲାଖି୍ ।

**14.** ନୂତନ ନିୟମର କେତୋଟି ପୁସ୍ତକ ଇତିହାସ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-ନୂତନ ନିୟମର 5ଟି ପୁସ୍ତକ ଇତିହାସ ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ।

**15.** ଇତିହାସ ବିଭାଗର କେତୋଟି ପୁସ୍ତକ ସୁସମାଚାର ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-ଇତିହାସ ବିଭାଗର 4ଟି ପୁସ୍ତକ ସୁସମାଚାର ବିଭାଗର ଅନ୍ତର୍ଭୁକ୍ତ ଯଥା-1.ମାଥିଉ 2. ମାର୍କ 3. ଲୁକ ଓ 4. ଯୋହନ ।

16.ଅନ୍ୟ କେତୋଟି ପୁସ୍ତକ ଇତିହାସ ବିଭାଗ ପୁସ୍ତକର ଅନ୍ତର୍ଭୁକ୍ତ ?

ଉତ୍ତର-କେବଳ ଏକମାତ୍ର ଅନ୍ୟ ପୁସ୍ତକ ଇତିହାସ ବିଭାଗ ପୁସ୍ତକର ଅନ୍ତର୍ଭୁକ୍ତ । ଯଥା 5. ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ ।

17.ମଣ୍ଡଳୀମାନଙ୍କ ନିକଟକୁ ଓ ବ୍ୟକ୍ତି ବିଶେଷଙ୍କ ନିକଟକୁ ଲେଖାଯାଇଥିବା ପତ୍ର ପୁସ୍ତକ ବିଭାଗରେ କୋତେଟି ପୁସ୍ତକ ଅନ୍ତର୍ଭୁକ୍ତ ?

ଉତ୍ତର- ମୋଟରେ 21ଟି ପୁସ୍ତକ ଏହି ପତ୍ର ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ।

18.ସେଥିମଧ୍ୟରୁ କେତୋଟି ପୁସ୍ତକ ପ୍ରେରିତ ପାଉଲଙ୍କ ଲିଖିତ ପତ୍ର ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ?

ଉତ୍ତର-ସେଥିମଧ୍ୟରୁ 13ଟି ପୁସ୍ତକ ପ୍ରେରିତ ପାଉଲଙ୍କ ଦ୍ୱାରା ଲେଖାଯାଇଥିବା ପତ୍ର ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ ଯଥା- 6. ରୋମୀୟ 7.ପ୍ରଥମ କରିନ୍ଥୀୟ 8. ଦ୍ୱିତୀୟ କରିନ୍ଥୀୟ 9. ଗସାତୀୟ 10.ଏଫିସୀୟ 11.ଫିଲିପ୍ ପିୟ 12.କଲସୀୟ 13. ପ୍ରଥମ ଥେସଲନିକୀୟ 14. ଦ୍ୱିତୀୟ ଥେସଲନିକୀୟ 15.ପ୍ରଥମ ତୀମଥି 16. ଦ୍ୱିତୀୟ ତୀମଥି 17.ତୀତସ 18. ଫିଲିମୋନ୍ ।

**19.**ସର୍ବସାଧାରଣ ପତ୍ର ପୁସ୍ତକ ବିଭାରରେ କେତୋଟି ପୁସ୍ତକ ଅନ୍ତର୍ଭୁକ୍ତ ?

ଉତ୍ତର- ମୋଟରେ ୮ଟି ପୁସ୍ତକ ସର୍ବସାଧାରଣ ପତ୍ର ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ, ଯଥା- 19.ଏବ୍ରୀ 20.ଯାକୁବ 21.ପ୍ରଥମ ପିତର 22.ଦ୍ୱିତୀୟ ପିତର 23.ପ୍ରଥମ ଯୋହନ 24. ଦ୍ୱିତୀୟ ଯୋହନ 25.ତୃତୀୟ ଯୋହନ 26.ଯିହୁଦା ।

**20.**ଭବଷ୍ୟଦ୍ ବକ୍ତାମାନଙ୍କ ପୁସ୍ତକ ବିଭାଗରେ କେତୋଟି ପୁସ୍ତକ ଅନ୍ତର୍ଭୁକ୍ତ ?

ଉତ୍ତର- କେବଳ ଗୋଟିଏ ପୁସ୍ତକ ଏହି ପୁସ୍ତକ ବିଭାଗର ଅନ୍ତର୍ଭୁକ୍ତ, ଯଥା –27. ପ୍ରକାଶିତ ବାକ୍ୟ ।

## ବାଇବଲ ସାଧାରଣ ଜ୍ଞାନ

*ବାଇବଲ 3566480 ଅକ୍ଷରର ସମଷ୍ଟି*ବାଇବଲ 810697 ଶବ୍ଦର ସମଷ୍ଟି*31175 ପଦ ଗୁଡ଼ିକର ସମଷ୍ଟି*1189 ପର୍ବ ଓ 66 ପୁସ୍ତକ ଗୁଡ଼ିକର ସମଷ୍ଟି *ସବୁଠାରୁ ବଡ଼ ପର୍ବ ଗୀତସଂହିତା 119 ପର୍ବ*ସବୁଠାରୁ ଛୋଟ ତଥା ବାଇବଲର ମଧ୍ୟମ ଭାଗରେ ଥିବା ପର୍ବ ଗୀତସଂହିତା 117 ପର୍ବ*ବାଇବଲର ମଧ୍ୟ ଭାଗରେ ଥିବା ପଦ ଗୀତସଂହିତା 1**18:8***ସବୁଠାରୁ ବଡ଼ ନାମ ଯିଶାଇୟ **8:1*** ଓ ଅଥବା ଏବଂ ଶବ୍ଦ ବାଇବଲରେ 46657 ଥର ଅବସ୍ଥିତ *ପ୍ରଭୁ ଶବ୍ଦ 1855 ଥର ଅବସ୍ଥିତ *ଯିଶାଇୟ 37 ପର୍ବ ଓ ଦ୍ୱିତୀୟ ରାଜାବଳୀ 19 ପର୍ବ ସମାନ *ସବୁଠାରୁ ବଡ଼ ପଦ ଏଷ୍ଟରର **8:9***ସବୁଠାରୁ ଛୋଟ ପଦ ଯୋହନ 11:35*ଏଷ୍ଟର ପୁସ୍ତକରେ ପରମେଶ୍ୱରଙ୍କ ନାମ ଥରେ ମଧ୍ୟ ଲେଖା ହୋଇ ନାହିଁ*ବାଇବଲ ପବିତ୍ର ପରମେଶ୍ୱରଙ୍କ ବାକ୍ୟ,ବୁଦ୍ଧି, ଜ୍ଞାନ,ପବିତ୍ରତା ଓ ପ୍ରେମରେ ପରିପୂର୍ଣ୍ଣ ।

ଖ୍ରୀଷ୍ଟରେ ପ୍ରିୟ ପାଠକ ବନ୍ଧୁ,

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆପଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଅଛି । ପରମେଶ୍ୱରଙ୍କର ମହାନ୍ ଦାସ,ଧର୍ମ ସଂସ୍କାରକ ଓ ବାଇବଲ ଶିକ୍ଷକ ଡଃ ମାର୍ଟିନ୍ ଲୁଥରଙ୍କର DR. MARTIN LUTHER'S SMALL CATECHISM ନାମକ ପୁସ୍ତକ ଓଡ଼ିଆ ଭାଷାରେ ଅନୁବାଦ କରିବା ନିମନ୍ତେ ମୋତେ ସୁଯୋଗ ଦେଇଥିବା ସଦାପ୍ରଭୁ ପରମେଶ୍ୱରଙ୍କ ମହା ନାମର ଧନ୍ୟବାଦ କରୁଅଛି ।ଆପଣ ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଆମୋଦ କରନ୍ତୁ,ଦିବାରାତ୍ର ତାହାଙ୍କ ବ୍ୟବସ୍ଥା ଧ୍ୟାନ କରନ୍ତୁ,ଗୀତସଂହିତା (1:2-3) ଆପଣଙ୍କ ଜୀବନରେ ସଫଳ ହେବ । ଆପଣ ପ୍ରାର୍ଥନା ସହିତ ଏହି ପୁସ୍ତକର ଅଧ୍ୟୟନ କରନ୍ତୁ, ନିଶ୍ଚୟ ଭାବେ ଆପଣ

ଆଶୀର୍ବାଦଯୁକ୍ତ ହେବେ ବୋଲି ବିଶ୍ୱାସର ସହିତ ଆପଣଙ୍କ ପାଇଁ ପ୍ରାର୍ଥନା କରୁଅଛି । ପ୍ରଭୁ ଆପଣଙ୍କୁ ଆଶିର୍ବାଦ କରନ୍ତୁ ।ପ୍ରଭୁଙ୍କ ସେବାରେ ଆପଣଙ୍କ ଭାଇ ଦୀପକ ଇମ୍ମାନୁୟେଲ୍ । ଯୋଗାଯୋଗ କରିବା ନିମନ୍ତେ:- 09444959658, 09445614044, (044)27430044, Email:- deepakimmanuel@ymail.com

ଗୀତ-1

ତୁମ୍ଭ ବାକ୍ୟ ଅଟେ ପ୍ରଦୀପ ମୋ କ୍ଷୀଣ ଚରଣର ଚଲା ପଥେ ସେ ଆଲୋକ ମୋ ସାରା ଜୀବନର

କର ମୋ ଚକ୍ଷୁ ପ୍ରସନ୍ନ କରିବି ବ୍ୟବସ୍ଥା ଧ୍ୟାନ ତବ ଶାସନ ଦୟାବାନ ହେଉ ମୋ ଜୀବନେ ବର

ତବ ବାକ୍ୟ ଏଟେ ସିଦ୍ଧ ପରିକ୍ଷିତ ପୁଣି ନିତ୍ୟ ସମ୍ପଦେ ଅବା ବିପଦେ ହେଉ ସେ ମୋର ଆବର

ଚିରସ୍ଥାୟୀ ସେ ବିଧାନ ନୋହିବ କେବେ ଖଣ୍ଡନ ସେ ଜୀବନ ଜଳାକାର ହେଉ ଆତ୍ମାର ଆହାର

ଗୀତ-2

ଅନ୍ଧକାର ଘେରା ଧରାରେ ମୁକତି ଦୀପ ଜଳାଇବା ଗ୍ରାମରେ ନଗରେ ଗିରି କନ୍ଦରରେ ଜଳିବା ଲଜ୍ଜିତ ନୋହିବା

ଶୁଣି ନାହିଁ କି ସେ ଆଦେଶ ଯାଅ ସମଗ୍ର ଜାତି ପାଶ କୁହ ମୁକ୍ତି ଅଛି ଯୀଶୁଙ୍କ ପାଖରେ ନ ରଖି ଲଜ୍ଜା ମନରେ

ମରୁମରିଚିକା ଜଗତେ ତୃଷିତ ପରାଣର ହିତେ  ଜୀବନର ଝର ବହୁଛି କୃଶରେ କ୍ଳାନ୍ତ ଜନତା ଆସରେ

ଗୀତ-3

ସେବା ତୁମର କରିବୁ ସାରା ଜୀବନରେ ହେ ପ୍ରଭୁ ତୁମ ପାଇଁ ଆମେ ବଞ୍ଚିବୁ ତୁମ ପାଇଁ ହିଁ ମରିବୁ

ହାଲିଲୁୟା ଗୀତ ସଦା ଗାଇବୁ( 2ଥର) ହା...ହାଲିଲୁୟା.....ହା......ହା .....ହା .....ହା ....ହାଲିଲୁୟା

ଦୁନିଆରେ ସବୁଠୁ ବଡ଼ ସେବା ତୁମର ହେ ପ୍ରଭୁ ତୁମରି ସେବାରେ ଆମେ ଜୀବନ ଉତ୍ସର୍ଗ କରିବୁ । ହାଲିଲୁୟା ..

ଆସୁ ଆମର ଶତ୍ରୁ ତାକୁ କାହିଁକି ଆମେ ଡରିବୁ ? ମରିବୁ ତ ନିଶ୍ଚୟ ଦିନେ କାହିଁକି ତୁମ ପାଇଁ ନ ମରିବୁ ? ହାଲିଲୁୟା..